EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୭ ସଂଖ୍ୟା-୮ ୦୬ - ୧୨ ମାର୍ଚ୍ଚ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-8 06th - 12th MARCH, 2023 BHUBANESWAR ₹ 5/- (8 Pages)


### ଲୋକଙ୍କ ମୁଡ୍ ପରଖୁଛି ବିଜୁ ଜନତା ଦଳ

## କାହାର ଟିକେଟ୍ କଟିବ ସର୍ଭେ କରୁଛି ବାହାର ସଂସ୍ଥା

**ଭୁବନେଶ୍ୱର :** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ୩ ପ୍ରମୁଖ ରାଜନୀତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଓ ଉଷ୍ମତା ବୃଦ୍ଧି ସହ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଉ ଏସବୁ ଭିତରେ ଗତ ୨୩ ବର୍ଷ ଧରି କ୍ଷମତାସୀନ ବିଜେଡି ରାଜ୍ୟର ଭୋଟରଙ୍କ ମୁଡ୍ ପରଖିବାକୁ ଏବେ ରାଜ୍ୟ ବାହାରର ସଂସ୍ଥା ମାଧ୍ୟମରେ 'ସର୍ଭେ ' କାର୍ଯ୍ୟକ୍ରମ ଜାରି ରଖିଛି । ଏହି ସର୍ଭେ ରିପୋର୍ଟ ଆଧାରରେ ଦଳ ଆଗାମୀ ସାଧାରଣ ନିର୍ବାଚନରେ କାହାକୁ ପୁଣି ଥରେ ବିଧାୟକ ଓ ସାଂସଦ ଭାବେ ରିପିଟ୍ କରିବ ତଥା କେଉଁଠି ନୂଆ ମୁହଁ ଦେବ ତା'ର ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ଦିଲ୍ଲୀର ଏକ ସଂସ୍ଥା ଏବେ




ଓଡ଼ିଶାରେ ବିଜେଡି ନିମନ୍ତେ ସର୍ଭେ କାର୍ଯ୍ୟ ଚଳାଇଛି । ବିଜେଡି ସୂତ୍ର ଅନୁସାରେ ଦଳ ଆଗାମୀ ସାଧାରଣ ନିର୍ବାଚନରେ ଦଳର ନବାଗତ ବିଧାୟକମାନଙ୍କ ମଧ୍ୟରୁ ପ୍ରାୟ ୫୦% ବିଧାୟକଙ୍କ ଟିକେଟ୍ କାଟିବା ସହ କିଛି ପୁରୁଖା ନେତାଙ୍କୁ ମଧ୍ୟ ଟିକେଟ୍ ନଦେବାକୁ ନିଷ୍ପତ୍ତି ନେଇଛି । ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ଅନନ୍ତ ଦାସ, ବଦ୍ରିନାରାୟଣ ପାତ୍ର, ଅଶ୍ୱିନୀ ପାତ୍ର, ନୃସିଂହ ସାହୁ, ଶଶୀଭୂଷଣ ବେହେରା, ପଦ୍ମନାଭ ବେହେରା, ଉଷା ଦେବୀ, ପ୍ରମୋଦ ମଲ୍ଲିକ, ଜିତୁ ମିତ୍ର , ପ୍ରଫୁଲ୍ଲ ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ଭୂପିନ୍ଦର ସିଂ ଆଦିଙ୍କୁ ଦଳୀୟ ଟିକେଟ୍ ଦେବାର ସମ୍ଭାବନା କ୍ଷୀଣ ଥିବାବେଳେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବ ବୋଲି ଜଣାପଡ଼ିଛି । ଦଳର ୪୬ଜଣ ନୂଆ ବିଧାୟକ (ପ୍ରଥମଥର ନିର୍ବାଚିତ)ଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତଙ୍କୁ ପୁଣି ଟିକେଟ୍ ଦେଇନପାରେ । ଦଳ ପାଖରେ ଏବେ ୧୬ଜଣ ମହିଳା ବିଧାୟିକା ଥିବାବେଳେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଅଧିକ ସଂଖ୍ୟକ ମହିଳାଙ୍କୁ ଟିକେଟ୍ ଦେବା ଉପରେ ବିଜେଡି ନେତୃତ୍ୱ ବିଚାରବିମର୍ଶ କରୁଥିବା ଜଣାପଡ଼ିଛି । ତବେ ଏହି ସର୍ଭେ ରିପୋର୍ଟ ଆଧାରରେ ଦଳ ➤ ପୃ-୬

### ଜାତିସଂଘରେ ପାକିସ୍ତାନକୁ ଭାରତର କଡା ଜବାବ

## ଅପପ୍ରଚାର କରନି : ସୀମା ପୂଜାନୀ

**ନୂଆଦିଲ୍ଲୀ :** ମିଳିତ ଜାତିସଂଘର ମାନବାଧିକାର ପରିଷଦ (ୟୁଏନଏଚଆରସି)ରେ ପାକିସ୍ତାନକୁ କଡ଼ା ଜବାବ ଦେଇଛି ଭାରତ । ଏଠାରେ ପାକିସ୍ତାନ ପ୍ରତିନିଧି ଭାବେ ହିନା ରବ୍ବାନୀ ଖର ଭାରତକୁ ପ୍ରଥମେ ସମାଲୋଚନା କରିବା ସହ କାଶ୍ମୀର ଠାରୁ ଆରମ୍ଭ କରି ମାନବାଧିକାର କଥା ଉଠାଇଥିଲେ । ତେବେ ପାକିସ୍ତାନ ଭାରତ ବିରୋଧରେ ଆଣିଥିବା ସମସ୍ତ ପ୍ରକାରର ଅଭିଯୋଗ ଭିତ୍ତିହୀନ ଓ ଏହା ଭାରତ ବିରୋଧ କେବଳ ଗୋଟିଏ ଅପପ୍ରଚାର ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି । ପରିଷଦରେ ଭାରତର ପ୍ରତିନିଧି ସୀମା ପୂଜାନୀ କହିଛନ୍ତି, ପାକିସ୍ତାନର ଲୋକମାନେ ଜୀବନ, ଜୀବିକା ଓ ସ୍ୱାଧୀନତା ପାଇଁ ସଂଘର୍ଷ କରୁଥିବା ବେଳେ ଇସଲାମାବାଦ ଭାରତ ବିରୋଧରେ ଅପପ୍ରଚାର କରୁଛି । ପାକିସ୍ତାନ ତା'ର ମୁଖ୍ୟ ପ୍ରସଙ୍ଗକୁ ଆଦୌ ଗୁରୁତ୍ୱ ଦେଉନାହିଁ । ତେଣୁ ମୁଁ ପାକିସ୍ତାନର



ନେତୃବୃନ୍ଦ ମାନଙ୍କୁ ପରାମର୍ଶ ଦେବାକୁ ଚାହେଁ ଯେ ସେମାନେ କେମିତି ନିଜ ଦେଶର ଲୋକଙ୍କୁ ଫାଇଦା ଦେବେ, ତା' ଉପରେ ଫୋକସ କରନ୍ତୁ । କେବଳ ଭିତ୍ତିହୀନ ଅପପ୍ରଚାର କଲେ କିଛି ବି ଲାଭ ନାହିଁ । କଶ୍ମୀରକୁ ନେଇ ତୁର୍କୀର ପ୍ରତିନିଧି ଓ ଓଆଇସି ପକ୍ଷରୁ ପ୍ରକାଶ ପାଇଥିବା ମତାମତକୁ ମଧ୍ୟ ସେ ନିନ୍ଦା କରିଛନ୍ତି । ଭାରତର ଆଭ୍ୟନ୍ତରୀଣ ବ୍ୟାପାରେ ହସ୍ତକ୍ଷେପ କରିବା କିମ୍ବା ମତାମତ ଦେବାର ଅଧିକାର କାହାର ନାହିଁ ବୋଲି ସେ କହିଛନ୍ତି । ସୀମା କହିଛନ୍ତି, କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ଓ ➤ ପୃ-୬

### ଗୋପାଳର ମାନସିକ ସ୍ଥିତି ଯାଞ୍ଚ ପ୍ରସଙ୍ଗ

## କ୍ରାଇମବ୍ରାଞ୍ଚର ଆବେଦନ ଖାରଜ



**ଭୁବନେଶ୍ୱର :** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ସ୍ଥିତିର ପୁନଃଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କରାଯାଇଥିବା ଆବେଦନକୁ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ଙ୍କ କୋର୍ଟ ଖାରଜ କରି ଦେଇଛନ୍ତି । ଏହା ପୂର୍ବରୁ କ୍ରାଇମବ୍ରାଞ୍ଚର ଏହି ଆବେଦନକୁ ତଳ କୋର୍ଟ ଖାରଜ କରିଥିଲେ । ତଳ କୋର୍ଟଙ୍କ ରାୟ ବିରୋଧରେ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍ଙ୍କ କୋର୍ଟରେ ଆବେଦନ କରିଥିଲା । ଫେବ୍ରୁଆରୀ ୨୨ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍ଙ୍କ କୋର୍ଟରେ ଆବେଦନ କରାଯାଇଥିଲା । ଗୋପାଳ ଦାସଙ୍କ ମାନସିକ ଅବସ୍ଥାର ପୁନଃ ଯାଞ୍ଚ କରିବାକୁ କ୍ରାଇମବ୍ରାଞ୍ଚ ତାଙ୍କୁ ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍ଥ ଆଣ୍ଡ ନ୍ୟୁରୋସାଇନ୍ସ (ନିମ୍ହାନ୍ସ)କୁ ନେବାକୁ ଚାହୁଁଥିଲା । ନିମ୍ହାନ୍ସରେ ତାଙ୍କୁ ୩ ସପ୍ତାହ ରଖିବାକୁ ପଡ଼ିବ ବୋଲି ଆବେଦନରେ କୁହାଯାଇଥିଲା । ୨୭ ତାରିଖରେ କୋର୍ଟ ଏହି ଆବେଦନକୁ ଗ୍ରହଣ କରିଥିଲେ । ମାର୍ଚ୍ଚ ୧ରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ଙ୍କ କୋର୍ଟରେ ଏହାର ଶୁଣାଣି ହୋଇଥିଲା । ଆଉ ରାୟ ପ୍ରକାଶ କରି କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରି ଦେଇଥିଲେ କୋର୍ଟ । ଗୋପାଳଙ୍କ ଓକିଲ କହିଛନ୍ତି, ଗୋପାଳଙ୍କ ମାନସିକ ଅବସ୍ଥାର ପୁନଃଯାଞ୍ଚ ପାଇଁ ତଳ କୋର୍ଟ ଅନୁମତି ନ ଦେବା ପରେ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍ଙ୍କ ଅଦାଲତରେ ଏକ ରିଭିଜନ ଆବେଦନ କରିଥିଲା । ସେହି ରିଭିଜନ୍କୁ ଜିଲ୍ଲା ଜଜ୍ଙ୍କ କୋର୍ଟରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ଙ୍କ ଅଦାଲତକୁ ଟ୍ରାନ୍ସଫର କରାଯାଇଥିଲା । କୋର୍ଟରେ ଶୁଣାଣି ବେଳେ ➤ ପୃ-୬

## ଜିଲ୍ଲାରେ କୂଳ ଲଂଘିଲାଣି ବିଜେଡିର ଅସନ୍ତୋଷ

**ଜଗତ୍ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜିଲ୍ଲାରେ ବିଜେଡିର ଅସନ୍ତୋଷ ଏବେ କୂଳ ଲଂଘିବା ଆରମ୍ଭ କଲାଣି । ଆଗାମୀ ବିଧାନସଭା ନିର୍ବାଚନକୁ ଆଖିଆଗରେ ରଖି ଦଳୀୟ ନେତା ଏବେ ଗୋଇ ଖୋଲାଖୋଲି ଭାବେ ଜଣେ ଅନ୍ୟଜଣଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଆରମ୍ଭ କରିଦେଲେଣି । ଦିନକୁ ଦିନ ଅସନ୍ତୋଷ ଏପରି ଭାବେ ବଢୁଛି ଯେ ସରକାରୀ ଦଳ ନେତାମାନେ ବିରୋଧୀ ଦଳକୁ ସାମ୍ନା କରିବେ ନା ନିଜ ନିଜର ଚେର କାଟିବାକୁ ଚେଷ୍ଟା କରିବେ ତାହା ବି ସନ୍ଦେହରେ ପକାଇଲେଣି ଜନସାଧାରଣଙ୍କୁ । ଉଭୟ ଗୋଷ୍ଠୀ ଅସନ୍ତୋଷକୁ କିଭଳି ଭାବେ ସାମ୍ନା କରି ଦଳୀୟ ଶୃଙ୍ଖଳାକୁ ସାମ୍ନା କରିବେ ନା ଶେଷରେ ଦଳ ବିରୁଦ୍ଧରେ ଯାଇ ଅନ୍ୟ ଦଳର ହାତ ଧରିବେ ସେ ନେଇ ଆହୁରି ଉତ୍ସୁକତା ପ୍ରକାଶ ପାଇଲାଣି । ବିଜେଡି ନେତାମାନଙ୍କ ଆନ୍ଦୋଳନକୁ ଆହୁରି ପ୍ରଭାବିତ କରିବାପାଇଁ ନା କଂଗ୍ରେସ ନା ବିଜେପି ଦଳ ଆଗକୁ ଆସୁନଥିବାରୁ ଦଳୀୟ ଗୋଷ୍ଠୀ କନ୍ଦଳ ଯେ କେଉଁ ରୂପ ନେବ ତାହା ବୁଝାପଡୁନାହିଁ । ଯେଉଁ ସ୍ଥାନକୁ ଗଲେ ବିଜେଡି ଗୋଷ୍ଠୀ କନ୍ଦଳ ପଦାରେ ପଡି ହାଟରେ ଗଡୁଛି । ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଗୋଷ୍ଠୀ କନ୍ଦଳ ସର୍ବାଗ୍ରେ ଥିବାବେଳେ ପାରାଦ୍ୱୀପ ଓ ଏରସମା - ବାଲିକୁଦା ନିର୍ବାଚନ ମଣ୍ଡଳୀ ଅସନ୍ତୋଷକୁ କିଭଳି ଭାବେ ମୁକାବିଲା କରାଯାଇପାରିବ ବା ପ୍ରଶମିତ କରାଯିବ ସେ ନେଇ ଜିଲ୍ଲା ଦାୟିତ୍ୱରେ ଥିବା ➤ ପୃ-୬

### ଜାତୀୟସ୍ତରୀୟ ସମ୍ମିଳନୀରେ ବିଶିଷ୍ଟ ବିଶେଷଜ୍ଞଙ୍କ ମତ

## ଯକୃତଜନିତ ସମସ୍ୟା ବୃଦ୍ଧି, ଲିଭର୍ ଫେଲ୍ ସାଜୁଛି ମୃତ୍ୟୁର କାରଣ

**ଭୁବନେଶ୍ୱର :** ପାକସ୍ଥଳୀ ତଥା ଖାଦ୍ୟନଳୀଜନିତ ବିଭିନ୍ନ ସମସ୍ୟା ଯେକୌଣସି ଡାକ୍ତରଖାନାରେ ଜରୁରୀକାଳୀନ ଚିକିତ୍ସା ପରିସ୍ଥିତିର ଏକ ପ୍ରମୁଖ ଅଂଶ ଅଟେ । ଏଥି ସହିତ ବିଭିନ୍ନ କାରଣରୁ ସମାଜରେ ଦିନକୁ ଦିନ ବୃଦ୍ଧି ପାଉଛି ଯକୃତଜନିତ ନାନା ସମସ୍ୟା । ଏହି କାରଣରୁ ଲିଭର ଫେଲ୍ ସହିତ ମସ୍ତିଷ୍କ ଅକାମୀ ହୋଇପଡୁଛି । ବିଳମ୍ବରେ ଚିହ୍ନଟ ଏବଂ ଚିକିତ୍ସା ମୃତ୍ୟୁର କାରଣ ପାଲଟୁଛି । ସେହିପରି ଉପର ଏବଂ ନିମ୍ନ ପାଚନତନ୍ତ୍ରରୁ ରକ୍ତସ୍ରାବ, ଅଗ୍ନାଶୟରେ ସମସ୍ୟା, ଷ୍ଟୋନ୍ ସମସ୍ୟା, ଜଣ୍ଡିସ୍, ବାରମ୍ବାର ଜ୍ୱର ଏବଂ ସେପ୍ସିସ୍ କାରଣରୁ ଉପୁଜୁଥିବା ଗୁରୁତର ସମସ୍ୟା, କଏନ୍(ମୁଦ୍ରା)



ଗିଳିଦେବା ସହିତ ଗମ୍ଭୀର ଅଲ୍ସରଜନିତ ବେମାରୀ ଚିକିତ୍ସକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରୁଛି । ଉପରୋକ୍ତ ଜରୁରୀକାଳୀନ ପରିସ୍ଥିତିକୁ ସଠିକ୍ ଢଙ୍ଗରେ ବୁଝିବା ଏବଂ ଏହାର ଚିକିତ୍ସା କରିବା ସମୟର ବଡ଼ ଆହ୍ୱାନ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ "ନୂଆ ନୂଆ ଉଭା ହେଉଥିବା ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟାଇନାଲ୍ଜନିତ ଜରୁରୀକାଳୀନ ପରିସ୍ଥିତି: ପ୍ରମାଣ ଭିତ୍ତିକ ଉପାୟ"ଶୀର୍ଷକ ଆୟୋଜିତ ଦିନିକିଆ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଦେଶର ବିଭିନ୍ନ ଖ୍ୟାତାନାମା ସ୍ୱାସ୍ଥ୍ୟପ୍ରତିଷ୍ଠାନର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଏମ୍ସ ➤ ପୃ-୬

### ବକ୍ରବାଣୀ



ହାତ ନେଇଯିବ ଭୋଅଟ ବୋଲି
ମିଛୁଟାରେ ଚାଲେ ଫ୍ରେଣ୍ଡଲି ମେଚ
ମାଡ଼ ଖାଇ କର୍ମୀ ମେଡ଼ିକାଲରେ
ନେତା ବୁଲି ବୁଲି ପକାନ୍ତି ପେଚ
ଠିକଣା ବେଳକୁ ନ ଆସେ ଶୁଆ
ଶୋଇ ପଡ଼ିଚି ସେ ନିଦରେ ଏବେ
ଶଙ୍ଖ ଫୁଙ୍କି ଫୁଙ୍କି ଦୌଡ଼ନ୍ତେ ନେତା
ଶୁଆ ତାଙ୍କ ପଛେ ଗୋଡ଼ାନ୍ତା ଯେବେ
ଭିତରେ ଭିତରେ ସଲାସୁତୁରା
ମିଛୁଟାରେ ଭକ୍ତ ହେଂସମୁତୁରା ।

———ଟୁଟୁ

## ବିଜେଡିର ସମୟ ସରିଆସିଲାଣି: ଜୟନାରାୟଣ

**ଭୁବନେଶ୍ୱର :** ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତରେ ଶିଥିଳତା ପ୍ରତିବାଦରେ ଆନ୍ଦୋଳନ କରି ଗିରଫ ହୋଇ ଜେଲରେ ଥିବା ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତାମାନଙ୍କୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ ଅନ୍ୟ ବିଜେପି ବିଧାୟକମାନେ ଜେଲ୍ ପରିସରରେ ଭେଟିଛନ୍ତି । ଓଡ଼ିଶା ପୁଲିସ ଏବେ ବିଜେଡିର କର୍ମୀ ଭଳି କାର୍ଯ୍ୟ କରୁଛି ତଥା ମାନବିକତା ବି ହରାଇ ବସିଛି ବୋଲି ସେ କହିବା ସହ ବିଜେଡିର ଶେଷ ସମୟ ଆସିଗଲାଣି ବୋଲି ସତର୍କ କରାଇ ଦେଇଛନ୍ତି । ୨୮ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନବେଳେ ଯୁବମୋର୍ଚ୍ଚା କର୍ମକର୍ତ୍ତା ଓ ପୁଲିସ ମୁହାଁମୁହିଁ ହେବା ଘଟଣାରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ବିଜେପି ଯୁବନେତାମାନଙ୍କୁ ଜେଲ୍ ପରିସରରେ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଓ ବିଜେପି ବିଧାୟକମାନେ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତାମାନଙ୍କ



ମାନସିକ ସ୍ଥିତି ସୁଦୃଢ଼ ରହିଛି ଓ ସେମାନଙ୍କର ସ୍ୱରକୁ ଚପାଇ ପାରିବେ ନାହିଁ । ଆଗାମୀ ଦିନରେ ନିର୍ଣ୍ଣାୟକ ଲଢ଼େଇ ପାଇଁ ପ୍ରସ୍ତୁତ ରହିବାକୁ ସେ ଆହ୍ୱାନ ଦେଇଛନ୍ତି । ଶେଷ ସମୟ ଆସିଲେ ଦୀପ ଯେଭଳି ହୁତୁହୁତୁ ହୋଇ ଜଳି ଉଠେ, ଠିକ୍ ସେଭଳି ବିଜେଡିର ଶେଷ ସମୟ ଆସିଗଲାଣି । ପୁଲିସ ନିଜେ ଅଣ୍ଡା, ଢେଲା ପଥର ଆଣି ପ୍ରାୟୋଜିତ ଭାବେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନଙ୍କୁ ମାଡ଼ ମାରି ରକ୍ତାକ୍ତ କରିଛି । ବିଜେଡି ସରକାରର ଇଙ୍ଗିତରେ ବିଜେପିର ଏତାଲାକୁ ମଧ୍ୟ ପୁଲିସ ପଞ୍ଜିକରଣ କଲାନି । ପୁଲିସ ଏଠି ବିଜେଡରି କର୍ମୀଭଳି କାର୍ଯ୍ୟ କରୁଛି । ଆନ୍ଦୋଳନ ସମୟରେ ପୁଲିସ କର୍ମୀମାନେ ନିଜେ ଗଣ୍ଡଗୋଳ କରି, ହିଂସା ଭିଆଇ ➤ ପୃ-୬

## ମା'ମାନେ କାହାଠାରୁ କମ୍ ନୁହନ୍ତି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସାଧାରଣ ଜୀବନରେ ଯେଉଁ କୋଟି କୋଟି ମା ସଂଗ୍ରାମ ଜାରି ରଖିଛନ୍ତି ଏବଂ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦିନଟିକୁ ସମର୍ପିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳା ସଶକ୍ତିକରଣ ଆଜି କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆଜି ଏକ ବାସ୍ତବତା । ଓଡ଼ିଶାର ମାମାନେ ଆଜି ରୂପାନ୍ତରର ସାରଥୀ ହୋଇଛନ୍ତି । ୭୦ ଲକ୍ଷ ମାମାନଙ୍କ ବିଶାଳ ସଂଗଠନ ଏସଏଚଜିରୁ ଏସଏମଇ ହେବାକୁ ଯାଉଛି । ମାମାନେ ଉଦ୍ୟୋଗୀ ହେବାକୁ ଯାତ୍ରା ଆରମ୍ଭ କରିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମା'ମାନେ କାହାଠାରୁ କମ୍ ନୁହଁନ୍ତି । ମା'ମାନେ ନିଜ ନିଜର ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ, ବରଂ ପରିବାରର ମଣି କନ୍ୟା ରତ୍ନ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଷୟ ବସ୍ତୁ ରହିଛି 'ନବ ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଲିଙ୍ଗଗତ ସମାନତା ହାସଲ' ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଯୁକ୍ତି ବିଦ୍ୟା ଆମକୁ ସମାଜରେ ଲିଙ୍ଗଗତ ବିଭେଦ ଦୂର କରିବା ପାଇଁ ଏକ ଅନନ୍ୟ ସୁଯୋଗ ଦେଇଛି । ଇନୋଭେସନ ଓ ଟେକ୍ନୋଲୋଜିର ପ୍ରୟୋଗରେ ଶିକ୍ଷା, ନିଯୁକ୍ତି, କର୍ମକ୍ଷେତ୍ର ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ବିଭେଦ ଦୂର କରାଯାଇ ନାରୀମାନଙ୍କ ଅଧିକାରର ସୁରକ୍ଷା କରାଯାଇପାରୁଛି । ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ମଧ୍ୟ ରୋକାଯାଇ ପାରୁଛି । ଏହାଦ୍ୱାରା ସମାଜରେ ଲିଙ୍ଗଗତ ବୈଷମ୍ୟ ଦୂର ହୋଇ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇପାରିବ । ତେଣୁ ➤ ପୃ-୬






## ରୂପାନ୍ତରଣ ପର୍ବରେ ସାମିଲ ହେବ ମୟୂରଭଞ୍ଜ

### ୧୫୦୦ କୋଟିର ପ୍ରସ୍ତାବିତ ପ୍ରକଳ୍ପ ମଞ୍ଜୁରୀକୁ ନେଇ ଆଶା ସଞ୍ଚାର

**ବାରିପଦା, (ବିଜୁ ସିଂ) :** ଶୁକ୍ରବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ ସାରି ଫେରିଯାଇଛନ୍ତି । ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନ ମଧ୍ୟ ମାରାଥନ ଗସ୍ତ କରି ଜିଲ୍ଲାର ବାରିପଦା ଉପଖଣ୍ଡର ବାରିପଦା, ବାଙ୍ଗିରିପୋଷି, ମୋରଡା, ସାରସକଣା ଓ ବଡସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଗସ୍ତରେ ବିଭିନ୍ନ ଜନକଲ୍ୟାଣ ମୂଳକ ବିକାଶ କାର୍ଯ୍ୟର ଅଗ୍ରଗତି ଓ ନୂତନ ପ୍ରକଳ୍ପ ଗୁଡିକ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ଜିଲ୍ଲାର ମୋଟ ୧୫ଟି ପ୍ରକଳ୍ପ ନିମନ୍ତେ ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରୂପରେଖ ପ୍ରସ୍ତାବ ଦିଆଯାଇଛି । ଖଇରୀ-ଭଣ୍ଡନ ବ୍ୟାରେଜର ଜଳସେଚନ ପ୍ରକଳ୍ପ ବାବଦରେ ୭ଶହ କୋଟି, ବୁଢାବଳଙ୍ଗ ମଧୁବନ ରିଂ-ରୋଡ ପ୍ରକଳ୍ପ ପାଇଁ ୯୨କୋଟି, ଦୁଆରଶୁଣି ଘାଟି ବିକଳ୍ପ ରାସ୍ତା ନିର୍ମାଣ ପାଇଁ ୩୧କୋଟି, ମାଣତ୍ରୀ ବାବା



କଖାରୁଆ ଶିବମନ୍ଦିର ପାଇଁ ୨୦କୋଟି, ଦେବକୁଣ୍ଡ , ଭୀମକୁଣ୍ଡ ଓ ଖିଚିଂ ମନ୍ଦିର ନିମନ୍ତେ ୧୮କୋଟି, ବାଲଡିହା ଡ୍ୟାମ ପାଇଁ ୧୨କୋଟି ଟଙ୍କା ଅଟକଳର ପ୍ରସ୍ତାବ ଥିବା ବେଳେ ରାଇରଙ୍ଗପୁର ହାଟ ପଡିଆ ସ୍ଥିତ ବଡ଼ବନ୍ଧର ପୁନରୁଦ୍ଧାର, ବାରିପଦା ଜଗନ୍ନାଥ ମନ୍ଦିର ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଡାଣ୍ଡବୋଷ ସ୍ମୃତି ପୀଠ ଓ ପାଲବଣୀ କୁଟୀର ନିର୍ମାଣ, ଗୁହାଳଡିହୀ ସବାଇରୁ ପ୍ରସ୍ତୁତ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ପାଇଁ ପ୍ରସ୍ତାବିତ ପ୍ରକଳ୍ପକୁ ମିଶାଇ ମୋଟ ୧୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ରହିଥିବା ଜଣାପଡିଛି । ଶୁକ୍ରବାର ୫-ଟି ସଚିବ ସଡ଼କ ପଥରେ ରାଇରଙ୍ଗପୁରରୁ ସକାଳ ୬ଟାରେ ବାହାରି ଅପରାହ୍ନ ୫ଟାରେ ମାଣତ୍ରୀ ହେଲିପେଡରୁ ସ୍ୱତନ୍ତ୍ର ହେଲିକେପଟର ଯୋଗେ ଫେରିଛନ୍ତି । ରାଇରଙ୍ଗପୁରରୁ ସେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ବାହାରି ଦୁଆରଶୁଣି ଘାଟିର ପ୍ରସ୍ତାବିତ ବିକଳ୍ପ ରାସ୍ତା ନିର୍ମାଣର ସମୀକ୍ଷା ପାଇଁ ବାଙ୍ଗିରିପୋଷି ନିକଟ ଚନ୍ଦନପୁର କତରା ନଦୀ ପୋଲି ନିକଟରେ ଅଟକି ଥିଲେ । ବିଶୋଇ-ଯୋକା-ଚନ୍ଦନପୁର ଦେଇ ୩୧.୪କିମି ରାସ୍ତା ନିର୍ମାଣ ହେଲେ ଘାଟିର ସମସ୍ୟା ଦୂର ହୋଇପାରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ ଦଣ୍ଡପାଟ କହିଥିଲେ । ସେଠାରୁ ବାହାରି ବାରିପଦା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ୫କୋଟି ଟଙ୍କା ଅଟକଳରେ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ବୁଲି ଦେଖିଥିଲେ । ମନ୍ଦିର ସମ୍ମୁଖରେ ଥିବା ନାଗରା ଭାଡିକୁ ନୂତନ ଭାବେ ନିର୍ମାଣ କରିବା ସହିତ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଆୟ ପ୍ରଭାବିତ ହେବ। ନିଜ ଲୋକ ଧୋକା ଦେଇପାରନ୍ତି। ଦାନ୍ତରେ ପୀଡା ଓ ଅଣ୍ଟାରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ବରଗଛ ମୂଳରେ ଘିଅ ଦୀପ ଓ ରାଶି ତେଲ ଦୀପ ଜାଳନ୍ତୁ।

**ବୃଷ** କାନରେ ସମସ୍ୟା ହୋଇପାରେ। ଲକ୍ଷ୍ୟପୂର୍ଣ୍ଣ ହେବ। ସନ୍ତାନ ସୁଖ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଧୈର୍ଯ୍ୟ ରଖନ୍ତୁ ଓ ବାଣୀରେ ଲଗାମ ଦିଅନ୍ତୁ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ଗାଈକୁ ସବୁଜ ଚାରା ଖୁଆନ୍ତୁ।

**ମିଥୁନ** ମନ ଓ ଶରୀର ଅବସ ରହିବ। କଠିନ ଶ୍ରମ ଯୋଗୁ ଆୟରେ ବୃଧି ହେବ। ଅନାବଶ୍ୟକ ଖର୍ଚ୍ଚ ହେବ। ଝଗଡା ହୋଇପାରେ। ପ୍ରେମୀଙ୍କ ଠାରୁ ସହଯୋଗ ପାଇବେ। ପ୍ରତିକାର : ଓଁ ନମଃ ଶିବାୟ ଜପ କରନ୍ତୁ।

**କର୍କଟ** ଆୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ କାମ ବୋଝ ବଢ଼ିବ। ଦୂରଯାତ୍ରା କରିପାରନ୍ତି। ବେକ ଓ କାନରେ କଷ୍ଟ ହୋଇପାରେ। ଦୁର୍ଘଟଣା ଘଟିପାରେ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ସିଂହ** ଚର୍ମ ରୋଗ ହୋଇପାରେ। ସମସ୍ତ କାର୍ଯ୍ୟରେ ପ୍ରତିବନ୍କ ଦେଖାବେ। ପ୍ରେମୀଙ୍କ ବ୍ୟବହାର ପାଇଁ ଦୁଃଖିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**କନ୍ୟା** କାର୍ଯ୍ୟରେ ସଫଳତା ପାଇବେ। ଆର୍ଯ୍ୟରେ ବୃଦ୍ଧି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ହେବ। ଜର ଓ ଥଣ୍ଡା ହୋଇପାରେ। ଦମ୍ପତିଙ୍କ ସମ୍ପର୍କ ବଢ଼ିବ। ପ୍ରତିକାର : ଭଗବାନ ଗଣେଷଙ୍କୁ ଅର୍ଚ୍ଚନା କରନ୍ତୁ।

**ତୁଳା** ସପ୍ତାହର ପ୍ରଥମ ଚରଣ ସଫଳତା ମିଳିବ। ମନ ପ୍ରଫୁଲ ରହିବ। ଧନପ୍ରାପ୍ତି ଯୋଗ ଅଛି। ବିବାଦରୁ ଦୂରେଇ ରହନ୍ତୁ। ପାଦ ଓ ଅଣ୍ଟାରେ କଷ୍ଟ ହୋଇପାରେ। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ବିଛା** କାର୍ଯ୍ୟ ଗୁଡିକ ଠିକ୍ ସମୟରେ ପୁରା ହେବ। ବାହାନ ଧାନରେ ଚଳାନ୍ତୁ। ଶତ୍ରୁ ପରାସ୍ତ ହେବେ। ସମ୍ମାନିତ ବଢ଼ିବ। ଥଣ୍ଡା, ଜ୍ୱର ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଧନୁ** ପରିବାର ସହଯୋଗ ବଢ଼ିବ। ନୂଆ ବ୍ୟବସାୟ ହେବ। ଅଟକିଥିବା ଧନ ମିଳିବ। ସ୍ଥାନରେ ପରିବର୍ତ୍ତନ ହୋଇପାରେ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ବିଷ୍ଣୁ ମନ୍ଦିରରେ ଚଣା ଦାନ କରନ୍ତୁ।

**ମକର** ପାରିବାରିକ ସୁଖ ପାଇବେ। ଭବିଷ୍ୟତ ପାଇଁ ଚିନ୍ତିତ ହେବେ। ନୂଆ କାର୍ଯ୍ୟରେ ମନନିବେଶ କରିବେ। ପଦୋନ୍ନତି ହୋଇପାରେ। ପ୍ରେମୀଙ୍କ ସହ ସଠିକ୍ ବ୍ୟବହାର କରନ୍ତୁ। ପ୍ରତିକାର : ଶିବଲିଙ୍ଗରେ ବେଲପତ୍ର ଚଢ଼ାନ୍ତୁ।

**କୁମ୍ଭ** ଅଯଥା କଥାରେ ଝଗଡା ହୋଇପାରେ। ବିରୋଧି ସକ୍ରିୟ ହେବେ। ଜ୍ୱରରେ ପୀଡିତ ହୋଇପାରନ୍ତି। ଗାଡି ସତର୍କରେ ଚଲାନ୍ତୁ। ବିବାହ ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ହନୁମାନ ଚାଳିସା ପଢ଼ନ୍ତୁ।

**ମୀନ** ସନ୍ତାନ ସୁଖ ମିଳିବ। ବିବାଦରୁ ଦୂରେଇ ରହନ୍ତୁ। କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବାଣୀରେ ଲଗାମ ଦିଅନ୍ତୁ। ମନ ଅସ୍ଥିର ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ନୂତନ ଗାଡି କ୍ରୟ କରିପାରନ୍ତି। ପ୍ରତିକାର : ଗାୟତ୍ରୀ ମନ୍ତ୍ର ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ଏଫବିଆଇର ବଡ ଖୁଲାସା
# ଚାଇନାର ଲ୍ୟାବରୁ ହୋଇଛି କରୋନା ଲିକ୍

**ୱାଶିଂଟନ :** କରୋନା ଭାଇରସ ବିଷୟରେ ଏଫବିଆଇର ବଡ ଖୁଲାସା। ଆମେରିକାର ଅନୁସନ୍ଧାନକାରୀ ଏଜେନ୍ସି ଫେଡେରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ (ଏଫବିଆଇ) ର ନିର୍ଦ୍ଦେଶକ ଦାବି କରିଛନ୍ତି ଯେ ଏହି ଭୂତାଣୁ ଚାଇନାର ଏକ ଲ୍ୟାବରେ ସୃଷ୍ଟି ହୋଇଛି। ଏଠାରୁ ଏହା ଲିକ୍ ହୋଇ ସମଗ୍ର ବିଶ୍ୱକୁ ବ୍ୟାପି ଯାଇଥିଲା। ଏଫବିଆଇ ନିର୍ଦ୍ଦେଶକ ଖ୍ରୀଷ୍ଟୋଫର ରେ କହିଛନ୍ତି ଯେ ଚାଇନା ସରକାରଙ୍କ ନିୟନ୍ତ୍ରିତ ଲାବୋରେଟୋରୀରେ କୋଭିଡ-୧୯ ପ୍ରସ୍ତୁତ ହୋଇଛି ବୋଲି ବ୍ୟୁରୋ ବିଶ୍ୱାସ କରେ। ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଖ୍ରୀଷ୍ଟୋଫର କହିଛନ୍ତି, 'ଏଫବିଆଇ ଦୀର୍ଘ ଦିନ ଧରି ଆକଳନ କରିଛି ଯେ ମହାମାରୀର ଉତ୍ପତ୍ତି ଏକ ସମ୍ଭାବ୍ୟ ଲାବୋରେଟୋରୀ ଘଟଣା। କରୋନାଭାଇରସ ବିସ୍ଫୋରଣ ପରେ ଏଫବିଆଇର ଏହା ହେଉଛି ପ୍ରଥମ ସରକାରୀ ବିବୃତ୍ତି। ତେବେ ଚାଇନା ଏଭଳି ଅଭିଯୋଗକୁ ଖଣ୍ଡନ କରିବାରେ ଲାଗିଛି। ଖ୍ରୀଷ୍ଟୋଫରଙ୍କ ବିବୃତ୍ତିର ଗୋଟିଏ ଦିନ ପୂର୍ବରୁ ଚାଇନାରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଚାଇବା କରୋନାଭାଇରସ ବିଷୟରେ ଅଧିକ ସଚ୍ଚୋଟ ହେବାକୁ କହିଥିଲେ। ଚାଇନା ମହାମାରୀର ଉତ୍ସ ଜାଣିବା ପାଇଁ ପ୍ରୟାସରେ ବାଧା ସୃଷ୍ଟି କରୁଛି। ଏହା ସମସ୍ତଙ୍କ ପାଇଁ ଦୁର୍ଭାଗ୍ୟଜନକ। କେତେକ ଅଧ୍ୟୟନରୁ ଜଣାପଡିଛି ଯେ ଚାଇନାର ଉହାନର ଏକ ଲ୍ୟାବରେ ଏହି ଭୂତାଣୁ ବିକଶିତ କରାଯାଇଥିଲା। ଏଠାରୁ ଏହା ପଶୁମାନଙ୍କ ନିକଟରେ ପହଞ୍ଚିଲା ଏବଂ ପରେ ପଶୁମାନଙ୍କଠାରୁ ମଣିଷକୁ ଆସିଥିଲା। ଉହାନରେ ବିଶ୍ୱର ଅଗ୍ରଣୀ ଭାଇରସ ଲାବୋରେଟୋରୀ ହେଉଛି ଉହାନ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି। କରୋନାଭାଇରସ ସମ୍ବନ୍ଧରେ ଏହିଠାରେ ଅନୁସନ୍ଧାନ ଚାଲିଥିଲା। ଏହାଠାରୁ ମାତ୍ର ୪୦ ମିନିଟ ଦୂରରେ ଏକ ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ବଜାର ଅଛି। ଭୂତାଣୁ ଲିକ ହେବା ପରେ ଏହା ଏହି ବଜାର ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ବ୍ୟାପିବାରେ ଲାଗିଥିଲା।



## ୧୪୬ ବର୍ଷର ରେକର୍ଡ ଭାଙ୍ଗିଲା ଫେବୃଆରୀ

**ନୂଆଦିଲ୍ଲୀ :** ଭାରତର କେତେକ ଅଞ୍ଚଳ, ବିଶେଷତଃ ଉତ୍ତରାଞ୍ଚଳରେ ଫେବ୍ରୁଆରି ମାସରେ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇଥିଲା। ଫଳରେ, ଦେଶର ସର୍ବାଧିକ ହାରାହାରି ତାପମାତ୍ରା ୨୯.୫୪ ଡିଗ୍ରି ସେଲସିୟସକୁ ବୃଦ୍ଧି ପାଇଥିଲା। ୧୮୭୭ ମସିହାରୁ ରେକର୍ଡ କରାଯାଇଥିବା ଏହା ସର୍ବାଧିକ ତାପମାତ୍ରା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)ର ରିପୋର୍ଟ ଅନୁସାରେ ୧୪୬ ବର୍ଷ ଭିତରେ ଏହା ଥିଲା ଉଷ୍ଣତମ ଫେବ୍ରୁଆରି। ସାଧାରଣତଃ ଫବ୍ରୁଆରିର ସର୍ବାଧିକ ତାପମାତ୍ରା ୨୭ ଡିଗ୍ରି ପାଖାପାଖି ରହେ। ମାତ୍ର ଏ ବର୍ଷ ତାହା ୨୯.୫୪ ଡିଗ୍ରିକୁ ବୃଦ୍ଧି ପାଇଛି। କେତେକ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରି ଛୁଇଁଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଚଳିତ ମାର୍ଚ୍ଚ ଓ ଆଗାମୀ ମେ ମାସରେ ଅସହ୍ୟ ଗରମ ଅନୁଭୂତ ହେବ। କେତେକ ଅଞ୍ଚଳରେ ସ୍ୱାଭାବିକତାଠାରୁ ତାପମାତ୍ରା ଯଥେଷ୍ଟ ଅଧିକ ରହିବ।

### ସୁପ୍ରିମ୍‌କୋର୍ଟଙ୍କ ବଡ଼ ରାୟ
# ନିର୍ବାଚନ କମିଶନଙ୍କୁ ନିଯୁକ୍ତି ଦେବେ ପ୍ୟାନେଲ୍

**ନୂଆଦିଲ୍ଲୀ :** ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତା ଓ ପ୍ରଧାନବିଚାରପତିଙ୍କୁ ନେଇ ଗଠିତ କମିଟି ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରଙ୍କୁ ଚୟନ କରିବେ। ଏମାନଙ୍କ ସୁପାରିଶକ୍ରମେ ସିଇସି ଓ ଇସିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେବେ ବୋଲି ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର୍ ଏବଂ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ଭଳି ବ୍ୟବସ୍ଥା କରିବା ଦାବିରେ କରାଯାଇଥିବା ଆବେଦନ ଉପରେ ଶୁଣାଣି କରି ଗୁରୁବାର ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଏହି କମିଟି ନିର୍ବାଚନ କମିଶନର ସମସ୍ତ ଶୀର୍ଷ ପଦବୀର ନିଯୁକ୍ତି ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀଙ୍କୁ ସୁପାରିସ କରିବେ। ଏହି କମିଟିର ପରାମର୍ଶ ଅନୁସାରେ ରାଷ୍ଟ୍ରପତି ନିର୍ବାଚନ କମିଶନର ସଦସ୍ୟଙ୍କୁ ନିଯୁକ୍ତି ଦେବେ। ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ କେଏମ୍ ଜୋସେଫଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ରାୟ ଶୁଣାଣି କରି ଜଷ୍ଟିସ୍ ଜୋସେଫ୍ କହିଛନ୍ତି ଯେ, ସଂସଦ ଏ ସମ୍ବନ୍ଧୀୟ କୌଣସି ନୂତନ ଆଇନ ପ୍ରଣୟନ ନ କରିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ। ଏହାବ୍ୟତୀତ ଦେଶର ନିର୍ବାଚନ ପ୍ରକ୍ରିୟାରେ କୌଣସି ଉନ୍ନତ ବ୍ୟବସ୍ଥା ପ୍ରଣୟନ ଲାଗି ଯଦି କୌଣସି ଆବେଦନ ଆସେ ତେବେ ସୁପ୍ରିମକୋର୍ଟ ଏହାକୁ ବିଚାର ଲାଗି ଗ୍ରହଣ କରିବେ ବୋଲି ଜଷ୍ଟିସ ଜୋସେଫ୍ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଜୋସେଫଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ୍ ଅଜୟ ରସ୍ତୋଗୀ, ଅନିରୁଦ୍ଧ ବୋଷ୍, ହୃଷୀକେଶ ରାୟ ଏବଂ ଜଷ୍ଟିସ୍ ସିଟି ରବିକୁମାର ମାମଲାର ଶୁଣାଣି କରିଥିଲେ। ସୂଚନାଥାଉ କି, ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ସୁପାରିଶକ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ନିର୍ବାଚନ କମିଶନରଙ୍କୁ ନିଯୁକ୍ତ ଦିଆଯାଇଥାଏ। ସାଧାରଣତଃ ଦେଖାଯାଏ ଯେ, ଏହି ସୁପାରିଶକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଯାଏ। ଏହି କାରଣରୁ ନିର୍ବାଚନ କମିଶନରଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି।



## ପୁଣି ବଢ଼ିଲା ଏଲ୍‌ପିଜି ସିଲିଣ୍ଡର ଦର



**ନୂଆଦିଲ୍ଲୀ:** ଦେଶରେ ବଢ଼ିବାରେ ଲାଗିଛି ଏଲପିଜି ସିଲିଣ୍ଡର ଦାମ୍। ପୁଣି ଥରେ ଦେଶରେ ଏଲପିଜି ସିଲିଣ୍ଡର ଦାମ୍ ବୃଦ୍ଧି ପାଇଛି। ଯାହାଦ୍ୱାରା ଖାଉଟି ମାନେ ଚିନ୍ତାରେ ପଡ଼ିଛନ୍ତି। ସାରା ଦେଶରେ ରନ୍ଧନ ଗ୍ୟାସର ଦାମ୍ ୧୦୦୦ ଟଙ୍କା ଉପରେ ରହିଥିବା ବେଳେ ପୁଣି ସିଲିଣ୍ଡରର ଦାମ୍ ବୃଦ୍ଧି କରାଯାଇଛି। ଘରୋଇ ଏଲପିଜି ସିଲିଣ୍ଡର ଦର ୫୦ ଟଙ୍କା ବଢିଛି। ପୂର୍ବରୁ ଭୁବନେଶ୍ୱରରେ ଏଲପିଜି ଦର ୧ ହଜାର ୭୯ ଟଙ୍କା ଥିଲା। ଏବେ ୫୦ ଟଙ୍କା ବଢି ୧୧ ଶହ ୨୯ ଟଙ୍କା ହୋଇଛି। ଦିଲ୍ଲୀରେ ଘରୋଇ ଏଲପିଜି ସିଲିଣ୍ଡର ଦର ବଢି ୧୧୦୩ ଟଙ୍କା ହୋଇଛି। ସେହିପରି କମର୍ସିଆଲ ଏଲପିଜି ସିଲିଣ୍ଡର ଦର ମଧ୍ୟ ୩୫୦ ଟଙ୍କା ୫୦ ପଇସା ବଢିଛି। ଦର ବଢ଼ିଥିବା ଯୋଗୁଁ ଖାଉଟିଙ୍କ ମଧ୍ୟରେ ନାହିଁନଥିବା ଅସନ୍ତୋଷ ଦେଖାଇଛି। ଏଥିଯୋଗୁ ଘରର ବଜେଟ ବିଗିଡ଼ିଯିବା ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଗତ ବର୍ଷ ଜୁଲାଇ ମାସରେ ୧୪.୨ କେଜି ଘରୋଇ ଖଟଏ ସିଲିଣ୍ଡର ଦର ୫୦ ଟଙ୍କା ବଢ଼ିଲା। ୫ କେଜି ଏଲପିଜି ସିଲିଣ୍ଡର ଦର ୧୮ ଟଙ୍କା ବଢ଼ିଛି । ଏହା ପୂର୍ବରୁ ମେ' ମାସରେ ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ିଥିଲା। ଫଳରେ ସିଲିଣ୍ଡର ପିଛା ୯୯୯ ଟଙ୍କାରେ ପହଞ୍ଚିଥିଲା। ଅପରପକ୍ଷେ, ୧୯ କେଜି କମର୍ସିଆଲ ଗ୍ୟାସ ଦର ସିଲିଣ୍ଡର ପିଛା ୮ଟଙ୍କା ୫୦ ପଇସା କମ୍ କରାଯାଇଥିଲା। କିଛି ଦିନ ପୂର୍ବରୁ ପୁଣି ଥରେ କମର୍ସିଆଲ ଗ୍ୟାସ୍ ଦର ୧୯୮ ଟଙ୍କା ସିଲିଣ୍ଡର ପିଛା କମ୍ କରାଯାଇଥିଲା। ଏହାପରେ ରାଜଧାନର ଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ ଦର ସିଲିଣ୍ଡର ପିଛା ୨୦୨୧ ଟଙ୍କା ହୋଇଯାଇଥିଲା।

### ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟର ନୂଆ ନିୟମ
# ଧାରଣା ଦେଲେ ୨୦,୦୦୦ ଜରିମାନା

**ନୂଆଦିଲ୍ଲୀ:** ଦେଶର ପ୍ରତିଷ୍ଠିତ ତଥା ଚର୍ଚ୍ଚିତ ବିଶ୍ୱବିଦ୍ୟାଳୟ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ)ରେ ଏଣିକି ଧାରଣା ମନା। ଆନ୍ଦୋଳନ, ଧାରଣା ଓ ବିକ୍ଷୋଭ କଲେ ଗଣିବାକୁ ପଡ଼ିବ ଦଣ୍ଡ। ଧାରଣା ଦେଲେ ପିଲାଙ୍କୁ ୨୦,୦୦୦ ଟଙ୍କା ଜରିମାନା ସହ ଆଡମିଶନ ମଧ୍ୟ ବାତିଲ କରାଯାଇପାରେ। ସେହିପରି ହିଂସାକାଣ୍ଡ ଘଟାଇଲେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଜେଏନୟୁରେ ବାରମ୍ବାର ବିଭିନ୍ନ ପ୍ରସଙ୍ଗକୁ ନେଇ ଧାରଣା ଓ ଆନ୍ଦୋଳନ କରାଯାଉଥିବାରୁ ଏହାକୁ ରୋକିବା ପାଇଁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏମିତି କଠୋର ନିୟମ ଆଣିଛନ୍ତି। ଯାହାକୁ ନେଇ ବିବାଦ ମଧ୍ୟ ଉପୁଜିଛି। କଲେଜରେ ଶୃଙ୍ଖଳା ଏବଂ ଅନୁଶାସନ ଏବଂ ଛାତ୍ରଛାତ୍ରୀଙ୍କର ସଠିକ୍ ଆଚରଣ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୦ ପୃଷ୍ଠାର ଅନୁଶାସନ ନିୟମ ପ୍ରଣୟନ କରାଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥିର ହୋଇଥିବା ନିୟମକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ମୁଖ୍ୟତଃ ବିଶୃଙ୍ଖଳା ଆଚରଣ ବିକ୍ଷୋଭ, ଜାଲିଆତି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି ନିୟମ ନୂଆ ନିୟମ ଫେବୃଆରୀ ୩ରୁ ଲାଗୁ କରାଯାଛି। ଏଥିରେ ଦର୍ଶାଯାଇଛି ଯେ ଉକ୍ତ ନିୟମକୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରାଯାଇଛି। ବିବିସି ପ୍ରସ୍ତୁତକାରୀ ବିବାଦୀୟ ଫିଲ୍ମକୁ ନେଇ ବିଶ୍ୱବିଦ୍ୟାଳୟରେ ହଙ୍ଗମା ହେବା ପରେ ଏମିତି ଏକ ନିୟମ ଆସିଥିବା କୁହାଯାଉଛି। ବିଶ୍ୱିବଦ୍ୟାଳୟର ଏହି ନୂଆ ନିୟମକୁ ଏବିଭିପି ସ୍ୱାଗତ କରିଛି। ଅନୁଶାସନ ନିୟମରେ ଦର୍ଶାଯାଇଛି ଯେ ପାର୍ଟ ଟାଇମ୍ ଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଅବରୋଧ, ଜୁଆ ଖେଳ, ହଷ୍ଟେଲ ରୁମକୁ ଅନଧିକୃତ ଦଖଲ, ଅପମାନଜନକ ଭାଷା ବ୍ୟବହାର ଏବଂ ଜାଲିଆତି ଭଳି ୧୭ ଟି ଅପରାଧ ପାଇଁ ଦଣ୍ଡ ତାଲିକାଭୁକ୍ତ କରାଯାଇଛି। ଏହି ନିୟମରେ ଉଲ୍ଲେଖ କରାଯାଇଛି ଯେ, ଅଭିଯୋଗର ଏକ ନକଲ ଅଭିଭାବକଙ୍କୁ ପଠାଯିବ। ସେହିପରି ଶୋଷଣ, ଅସଦାରଣ, ରାଗିଂ ଏବଂ ସାମ୍ପ୍ରଦାୟିକ ଅସ୍ଥିରତା ନେଇ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



## ୨୦୨୪ରେ ଏକାକି ଲଢ଼ିବ ଟିଏମ୍‌ସି : ମମତା

**କୋଲକାତା :** ଆସନ୍ତା ସାଧାରଣ ନିର୍ବାଚନରେ ତ୍ରୁଣମୂଳ କଂଗ୍ରେସ ଏକାକି ଲଢ଼ିବ। ଦଳ କାହା ସହ ମେଣ୍ଟ କରିବ ନାହିଁ। ବେଙ୍ଗଲର ୪୨ଟି ଲୋକସଭା ଆସନରେ ଟିଏମସି ସବୁଠି ପ୍ରାର୍ଥୀ ଦେବ। ଏହା କହିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଲୋକଙ୍କ ସମର୍ଥନରେ ଦଳ ଏକାକି ଲଢ଼ିବ। ସିପିଏମ୍ ଏବଂ କଂଗ୍ରେସ ବିଜେପି ସହ ବୁଝାମଣା କରିଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯଦି ଅପବିତ୍ର ମିଳନ ହୁଏ, ତେବେ କଂଗ୍ରେସ ବିଜେପି ବିରୋଧରେ କେମିତି ଲଢ଼ିବ। ବାମପନ୍ଥୀ ବିଜେପି ସହିତ କେମିତି ଲଢ଼ିବ ? ବାମପନ୍ଥୀ କେମିତି ଦାବି କରୁଛନ୍ତି ସେମାନେ ବିଜେପି ବିରୋଧୀ ବୋଲି ? କଂଗ୍ରେସ, ବାମପନ୍ଥୀ ଏବଂ ବିଜେପି ସମସ୍ତେ ସାମ୍ପ୍ରଦାୟିକ କାର୍ଡ ଖେଳୁଛନ୍ତି। ପାର୍ଥକ୍ୟ ହେଉଛି ବିଜେପି ଏହାକୁ ଖୋଲାଖୋଲି ଭାବେ ଖେଳୁଛି, କିନ୍ତୁ ସିପିଏମ୍ ଏବଂ କଂଗ୍ରେସ ଅଧିକ ମାତ୍ରାରେ ଖେଳୁଛନ୍ତି। ସେ କହିଛନ୍ତି ଯେ , ଆମେ ସିପିଏମ୍ କିମ୍ବା କଂଗ୍ରେସ ସହ ମିଶିବାର ନାହିଁ। ଯେଉଁମାନେ ବିଜେପି ସହ କାମ କରନ୍ତି, ଆମେ ସେମାନଙ୍କ ସହ ସହଯୋଗ କରିପାରିବୁ ନାହିଁ। ଶ୍ରୀମତୀ ବାନାର୍ଜୀ କହିଛନ୍ତି, ୨୦୨୪ମସିହାରେ ଟିଏମିସି ଜନତାଙ୍କ ସହ ମେଣ୍ଟ କରିବ। କିନ୍ତୁ କୌଣସି ରାଜନୈତିକ ଦଳ ସହ ନୁହଁ। ଲୋକଙ୍କ ସମର୍ଥନ ସହିତ ଆମେ ଏକାକୀ ଯୁଦ୍ଧ କରିବୁ। ୨୦୧୯ ସାଧାରଣ ନିର୍ବାଚନରେ ଟିଏମସି ଅନ୍ୟ ଦଳ ସହ ମେଣ୍ଟ କରିଥିଲା। ବିଜେପି ମଧ୍ୟ ଦିଦିଙ୍କ ଗଡ଼ରେ ଭଲ ସଫଳତା ପାଇଥିଲା। ୪୨ଟି ଲୋକସଭା ଆସନରୁ ଦଳ ଏକାକି ୧୮ଟି ଜିତିଥିଲା। ସେବେଠାରୁ ମମତା ବାନାର୍ଜୀ ବେଙ୍ଗଲ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ୨୦୨୧ମସିହାରେ ମମମତା ବିଧାନସଭା ନିର୍ବାଚନରେ ବଡ଼ ବିଜୟ ହାସଲ କରି ତୃତୀୟ ଥର ପାଇଁ କ୍ଷମତା ଅକ୍ତିଆର କରିଥିଲେ।

## ଥିଙ୍କଟ୍ୟାଙ୍କ ସିପିଆରର ବିଦେଶ ପାଣ୍ଠି ଲାଇସେନ୍ସ ବାତିଲ

**ନୂଆଦିଲ୍ଲୀ:** ପ୍ରସିଦ୍ଧ ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର ପଲିସି ରିସର୍ଚ୍ଚ (ସିପିଆର) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଆଜି ମନ୍ତ୍ରଣାଳୟ ପକ୍ଷରୁ ଆଇନ ଉଲ୍ଲଙ୍ଘନ ପାଇଁ ସିପିଆରର ବିଦେଶ ପାଣ୍ଠ ବା ଏଫସିଆରଏ ଲାଇସେନ୍ସକୁ ବାତିଲ କରାଯାଇଛି। ଟିକସ ହେରଫେର କରିଥିବା ଅଭିଯୋଗରେ ଗତବର୍ଷ ସେପ୍ଟେମ୍ବର ମାସରେ ଆୟକର ବିଭାଗ ସିପିଆର ଓ ଅକ୍ସଫାମ ଇଣ୍ଡିଆ ଅଫିସରେ ରେଡ୍ କରିଥିଲା। ସେବେଠାରୁ ସରକାର ଏହି ସଂସ୍ଥା ବିରୋଧରେ ତଦନ୍ତ ଜାରି ରଖିଥିଲେ। ଏବେ ସିପିଆରର ଏଫସିଆରଏ ଲାଇସେନ୍ସକୁ ବାତିଲ କରାଯାଇଛି। ଏହାପୂର୍ବରୁ ଜାନୁଆରୀ ମାସରେ ଅକ୍ସଫାମର ଏଫସିଆରଏ ଲାଇସେନ୍ସ ବାତିଲ କରାଯାଇଥିଲା। ଏହାପରେ ଏନଜିଓ ପକ୍ଷରୁ ରିଭିଜନ ପିଟିସନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ ଦାଖଲ କରାଯାଇଥିଲା। ହେଲେ ଏହାର କୌଣସି ସୁଫଳ ମିଳିନାହିଁ। ଭାରତ ସରକାର ଦେଉଥିବା ଏଫସିଆରଏ ଲାଇସେନ୍ସ ଦ୍ୱାରା ଗୋଟିଏ ସଂସ୍ଥା ବିଦେଶରୁ ପାଣ୍ଠି ସଂଗ୍ରହ କରିବାକୁ ସକ୍ଷମ ହୋଇଥାଏ। ଏଫସିଆରଏ ବିନା କୌଣସି ବି ସଂସ୍ଥା ବିଦେଶରୁ ପାଣ୍ଠି ଦେଶକୁ ଆଣିପାରିବେ ନାହିଁ। ଏବେ ସିପିଆର ସହ ସମାନ ଘଟଣା ଘଟିଛି। ସିପିଆରକୁ ବିଲ ଆଣ୍ଡ ମେଲିନ୍ଦା ଗେଟ୍ସ ଫାଉଣ୍ଡେସନ, ପେନସଲଭାନିଆ ବିଶ୍ୱବିଦ୍ୟାଳୟ, ଜଳ ସମ୍ପଦ ଇନଷ୍ଟିଚ୍ୟୁଟ ଓ ଡିକ୍ୟୁ ବିଶ୍ୱବିଦ୍ୟାଳୟ ପାଣ୍ଠି ଦେଉଥିଲେ। ନନ ପ୍ରଫିଟ ସଂଗଠନ ଭାବେ ଜଣାଶୁଣା ସିପିଆରକୁ ଆଉ କିଛି ବିଦେଶ ସଂସ୍ଥାରୁ ପାଣ୍ଠି ମିଳିବାର ନଜିର ରହିଛି। ଏବେ ସରକାର ସଂସ୍ଥାର ଲାଇସେନ୍ସ ବାତିଲ କରି ଏଫସିଆରଏ ଉପରେ ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି। ୨୦୧୬ରେ ସିପିଆରର ଲାଇସେନ୍ସକୁ ନବୀକରଣ କରାଯାଇଥିଲା। ଏହାର ଅବଧି ୨୦୨୧ରେ ସରିଥିଲେ ମଧ୍ୟ ଏହାକୁ ପୁନଃନବୀକରଣ କରାଯାଇ ନଥିଲା।




# ଇଣ୍ଟରନେଟ୍ ସଟ୍‌ଡାଉନ କରିବାରେ ଭାରତ ବିଶ୍ୱରେ ୧ନଂ

**ନୂଆଦିଲ୍ଲୀ :** ଡିଜିଟାଲ ଇଣ୍ଡିଆ ଓ ଜିଡିଟାଲ କାରବାର କଥା କହୁଥିବା ଭାରତରେ ଇଣ୍ଟରନେଟକୁ କେମିତି ବନ୍ଦ କରାଯାଉଛି, ତା'ର ରିପୋର୍ଟ ସାମ୍ନାକୁ ଆସିଛି। ୨୦୨୨ ବର୍ଷରେ ସମଗ୍ର ବିଶ୍ୱରେ ଭାରତ ଏମିତି ଏକ ଦେଶ ଯେଉଁଠି ସର୍ବାଧିକ ଥର ଇଣ୍ଟରନେଟ ଶଟଡାଉନ ବା ଇଣ୍ଟରନେଟକୁ ପ୍ରଶାସନ ବନ୍ଦ କରିଛି। ଡିଜିଟାଲ ଅଧିକାର ପାଇଁ ଓକିଲାତି କରୁଥିବା କମ୍ପାନୀ ଆସେସ ନାଓ ପକ୍ଷରୁ ଏପରି ରିପୋର୍ଟ ପ୍ରକାଶ କରାଯାଇଛି। ବିଦାୟୀ ବର୍ଷ ୨୦୨୨ରେ ସମଗ୍ର ବିଶ୍ୱରେ ୧୮୭ଟି ଇଣ୍ଟରନେଟ ସଟଡାଉନ ଘଟଣା ରେକର୍ଡ କରାଯାଇଛି। ଏହା ମଧ୍ୟରୁ ୮୪ ଥର ଭାରତରେ ଇଣ୍ଟରନେଟକୁ ବନ୍ଦ କରାଯାଇଛି। କେବଳ କଶ୍ମୀରରେ ଏହି ସଂଖ୍ୟା ୪୯ ରହିଛି। ସରକାର ଓ ପ୍ରଶାସନ ବିଭିନ୍ନ ଆଳରେ ଏପରି ଇଣ୍ଟରନେଟ ଶଟଡାଉନ କରି ଲୋକଙ୍କ ଡିଜିଟାଲ ଅଧିକାର ଉପରେ ରୋକ ଲଗାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଇଣ୍ଟରନେଟ ସଟଡାଉନ କରିବା ମାମଲାରେ ଭାରତ କ୍ରମାଗତ ୫ମ ବର୍ଷ ପାଇଁ ସମଗ୍ର ବିଶ୍ୱରେ ୧ନଂ ସ୍ଥାନରେ ରହିଛି। ଭାରତକୁ ବାଦ ଦେଲେ ମଧ୍ୟ ୨୦୨୨ରେ ପୂରା ବିଶ୍ୱରେ ସବୁଠାରୁ ଅଧିକ ଥର ଇଣ୍ଟରନେଟ ସଟଡାଉନ କରାଯାଇଛି। ରାଜନୀତିକ ଅସ୍ଥିରତା ଓ ହିଂସାକାଣ୍ଡ ପାଇଁ ସ୍ଥାନୀୟ ପ୍ରଶାସନ ଜମ୍ମୁ-କଶ୍ମୀରରେ ୪୯ଥର ଇଣ୍ଟରନେଟ ବ୍ୟବହାର ଉପରେ ରୋକ ଲଗାଇଥିଲା। ଏପରି କି ଜାନୁଆରୀ-ଫେବୃଆରୀରେ ୧୬ ଥର କ୍ରମାଗତ ୩ ଦିନ ଲେଖାଏ କର୍ଫ୍ୟୁ ଷ୍ଟାଇଲ ଶଟଡାଉନ ମଧ୍ୟ ଲାଗୁ ହୋଇଛି ବୋଲି ଆସେସନ୍ ନାଓ କହିଛି। ବିଶ୍ୱର ୩୫ଟି ଦେଶ ୨୦୨୨ରେ ୧୮୭ ଥର ଇଣ୍ଟରନେଟ ଶଟଡାଉନ ଲାଗୁ କରିଛନ୍ତି। ଭାରତ ତାଲିକାରେ ୧ନଂ ସ୍ଥାନରେ ଥିବା ବେଳେ ରୁଷ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷ ୨୨ ଥର ଇଣ୍ଟରନେଟ ଶଟଡାଉନ କରିଛି। ଇଥୋପିଆ ପକ୍ଷରୁ ଟିକରୟରେ ଦୀର୍ଘ ୨ ବର୍ଷ ହେଲା ଇଣ୍ଟରନେଟ ସଟଡାଉନ କରାଯାଇଛି। ମିଆଁମାରରେ ଏହି ସଂଖ୍ୟା ୭ ରହିଛି। ୨୦୨୨ ମେ' ମାସରେ ମିଳିତ ଜାତିସଂଘର ମାନବାଧିକାର ଅଫିସ କହିଥିଲା ଯେ ଇଣ୍ଟରନେଟ ଶଟଡାଉନର ପ୍ରଭାବ ଅର୍ଥନୀତି ଠାରୁ ଆରମ୍ଭ କରି ଆର୍ଥିକ କାରବାର, ବ୍ୟବସାୟ, ଶ୍ରମ ମାର୍କେଟ ଓ ଡିଜିଟାଲ ସେବା ଉପରେ ପଡ଼ିଥାଏ। ଶଟଡାଉନ ଯୋଗୁ ପୁଞ୍ଜିନିବେଶ ପରିବେଶକୁ ମଧ୍ୟ ଦ୍ୱନ୍ଦ୍ୱ ମଧ୍ୟକୁ ଠେଲି ଦେଇଥାଏ। ଏହା ସତ୍ତ୍ୱେ ଭାରତ ଇଣ୍ଟରନେଟ ସଟଡାଉନରେ ୧ନଂ ସ୍ଥାନରେ ରହିଛି।



**୨୦୨୩-୨୪ ସଧାରଣ ବଜେଟ୍ ଆଲୋଚନାରେ ଅର୍ଥମନ୍ତ୍ରୀଙ୍କ ଦୃଢ଼ୋକ୍ତି**

# 'ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବ'



**ଭୁବନେଶ୍ୱର :** ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟର ସାଧାରଣ ଆଲୋଚନା ଉପରେ ବିବୃତ୍ତି ରଖିଥିଲେ। ଅର୍ଥମନ୍ତ୍ରୀ କହିଥିଲେ ଯେ ଏହି ବଜେଟ୍ ନୂତନ ଓଡ଼ିଶା-ଏକ ସଶକ୍ତ ଓଡ଼ିଶା- ଏକ ସମୃଦ୍ଧ- ଏକ ସ୍ୱାଭିମାନୀ ଓଡ଼ିଶା ଗଠନ ଦିଗରେ ଆମର ଆଉ ଏକ ପଦକ୍ଷେପ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ୍ ୨ ଲକ୍ଷ ୩୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି। ୨୦୦୩-୨୦୦୪ ଆର୍ଥିକ ବର୍ଷରେ ମୋଟ୍ କାର୍ଯ୍ୟକ୍ରମ ବ୍ୟୟ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ ଅଟେ। ପୁଞ୍ଜି ବ୍ୟୟ ବାବଦକୁ ୫୧ ହଜାର ୬ଶହ ୮୩ କୋଟି ଟଙ୍କା ଅଟକଳ ହୋଇଛି। ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡିପି)ର ୬ ପ୍ରତିଶତ ଅଟେ। ଚଳିତ ଆର୍ଥିକ ବର୍ଷରେ ଏହି ବାବଦକୁ ଥିବା ଆବଣ୍ଟନ ବିଗତ ବର୍ଷଠାରୁ ୩୩ ପ୍ରତିଶତ ଅଧିକ। ଦେଶର ସମସ୍ତ ପ୍ରମୁଖ ରାଜ୍ୟ ତୁଳନାରେ ଓଡ଼ିଶାର ମୋଟ ବଜେଟରେ ପୁଞ୍ଜି ବ୍ୟୟର ଅନୁପାତ ସର୍ବାଧିକ ଅଟେ। ଏହି ବଜେଟରେ ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ର ଏବଂ ମୋ ସରକାରର ସଫଳ ରୂପା ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ସୁଲଭ ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସାର୍ବଜନୀନ ଉପଲବ୍ଧି ସୁନିଶ୍ଚିତ କରାଇବା ନିମନ୍ତେ ମୋଟ ୧୬, ୪୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏକ ବର୍ଷର ରେକର୍ଡ ଅବଧିରେ ୧୪୭ ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ଆମ ହସ୍ପିଟାଲ ଯୋଜନାରେ ୭୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରୋଗୀଙ୍କୁ ନଗଦ ବିହୀନ ଚିକିତ୍ସା ପାଇଁ ଷ୍ଟେଟ୍ ହେଲ୍ଥ ଆସ୍ୟୁରାନ୍ସ ସୋସାଇଟି ଅଧୀନରେ ୨୩୮୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୦୨୩ କୃଷି ବଜେଟ୍ ଅଧୀନରେ ୨୪,୮୨୯ କୋଟି ଟଙ୍କାର ବ୍ୟବରାଦ ହୋଇଛି। ଲଜଡକ ସେତୁ, ବିମାନବନ୍ଦର ଏବଂ ରେଳବାଇ ଅଧୀନରେ ୧୯ ହଜାର ୪ ଶହ ୫୨ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଶିକ୍ଷା ଏବଂ ଦକ୍ଷତା ବିକାଶ କେନ୍ଦ୍ ପାଇଁ ୩୦ ହଜାର ୩୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସବୁ ବିଭାଗ ପାଇଁ କିଛି ନା କିଛି ଘୋଷଣା କରିଛନ୍ତି ସରକାର। ଚଳିତ ବଜେଟ୍ ରାଜ୍ୟ ବିକାଶକୁ ଆହୁରି ଆଗକୁ ନେବାରେ ସହାୟକ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ଏପ୍ରିଲରୁ ଜୁନ୍ ୧୫ ପର୍ଯ୍ୟନ୍ତ ଖରାରେ ଖଟିବେନି ଶ୍ରମିକ



**ଭୁବନେଶ୍ୱର :** ଏଥର ଭୀଷଣ ଖରା। ଆକାଶରୁ ବର୍ଷିବ ନିଆଁ। ମାର୍ଚ୍ଚରୁ ଜୁନ୍ ଅଧା ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପ। ଏପ୍ରିଲ ଓ ମେ ମାସରେ ଅସହ୍ୟ ହେବ ଗରମ। ଏଥିପାଇଁ ନିର୍ମାଣ ଶ୍ରମିକଙ୍କ କାମ କରିବାର ସମୟ କମିଛି। ଏପ୍ରିଲ ମାସରୁ ଜୁନ୍ ୧୫ ପର୍ଯ୍ୟନ୍ତ ପ୍ରତିଦିନ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ କରିବେ ନାହିଁ ଶ୍ରମିକ। ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସମସ୍ତ ରାଜସ୍ୱ କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ। ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ନିବେଦନ କରାଯାଇଛି। ଅତି ଜରୁରୀ କାମ ଥିଲେ କିମ୍ବା ଅତ୍ୟାବଶକୀୟ ସେବା ସହ ଜଡିତ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଏହି ସମୟରେ ବିଶ୍ରାମ ଦେଇହେବ ନାହିଁ। ସେମାନଙ୍କ ବ୍ୟାପକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଥଣ୍ଡା ପାଣି, ଛାଇ ପାଇଁ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଏବଂ ଓଆରଏସ ପ୍ୟାକେଟର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ସେପଟେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ମଧ୍ୟ ସବୁ ରାଜ୍ୟର ମୁଖ୍ୟ ସଚିବ ମାନଙ୍କୁ ଚିଠି ଲେଖାଯାଇଛି। ଆଗକୁ ପ୍ରଚଣ୍ଡ ଖରା ଯୋଗୁଁ ସ୍ୱାସ୍ଥ୍ୟ ସେବାକୁ ମଜଭୁତ କରିବାକୁ କୁହାଯାଇଛି। ଜିଲ୍ଲା ସ୍ତରରେ ବ୍ୟାପକ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଗରମ ଜନିତ ସମସ୍ୟା ଓ ରୋଗରୁ ମୁକ୍ତି ପାଇଁ ବ୍ୟବସ୍ଥା ପାଇଁ କୁହାଯାଇଛି। ଲୋକମାନେ ଖରାରେ କିପରି ନିଜର ଧ୍ୟାନ ରଖିବେ ସେଥିପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଛି।

### ୮ ହଜାର ସହଭାଗୀଙ୍କୁ ସାଇକେଲ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ୮ ହଜାର ସହଭାଗୀଙ୍କୁ ମିଳିଲା ସାଇକେଲ। ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସଏସଜି ମହିଳାଙ୍କୁ ସାଇକେଲ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜଳସାଥୀ, ଆହାର କର୍ମୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ମିଶନ ଶକ୍ତି ମାଆମାନେ ବହୁତ ଭଲ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ଯାଇ ମିଶନ ଶକ୍ତି ମାଆମାନଙ୍କୁ ଭେଟୁଛି। ନବୀନ ନିବାସ ଆସି ମାଆମାନେ ମୋତେ ଭେଟୁଛନ୍ତି। ମାଆମାନଙ୍କ ସଫଳତାରେ ମୁଁ ବହୁତ ଖୁସି ବୋଲି ନବୀନ ତାଙ୍କ ଅଭିଭାଷଣରେ କହିଛନ୍ତି। ଆପଣ ମାନଙ୍କ ଆତ୍ମବିଶ୍ୱାସ ମିଶନ ଶକ୍ତିକୁ ନଂ-୧ କରିଛି। ବିଭିନ୍ନ ସହରରେ ଆପଣମାନେ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି। ଏସଏସଜି ମହିଳାମାନଙ୍କ କାମରେ ସମସ୍ତେ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଗଣଶିକ୍ଷା ବିଭାଗ ସଚିବଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

## ସବୁ ସରକାରୀ ସ୍କୁଲରେ ମୌଳିକ ସୁବିଧା କର

**କଟକ :** ରାଜ୍ୟ ଗଣଶିକ୍ଷା ବିଭାଗ ସଚିବଙ୍କୁ ହାଇକୋର୍ଟ ଦେଲେ କଡ଼ା ନିର୍ଦ୍ଦେଶ। ସମସ୍ତ ସରକାରୀ ପ୍ରାଇମେରୀ ସ୍କୁଲରେ ତୁରନ୍ତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ, ପୃଥକ ଟଏଲେଟ୍, ପାନୀୟଜଳ ଓ ବିଦ୍ୟୁତ୍ ସଂଯୋଗ ପ୍ରଭୃତି ମୌଳିକ ସୁବିଧା ଯୋଗାଇ ଦେବାକୁ କୋର୍ଟ ଦେଇଛନ୍ତି ନିର୍ଦ୍ଦେଶ। ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ ନ ଥିବା ନେଇ ଆମିକସ୍କ୍ୟୁରୀ ରିପୋର୍ଟ ଦାଖଲ କରିବା ପରେ ଆଜି ଏହି କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ହାଇକୋର୍ଟ। ରାଜ୍ୟ ସରକାର ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାର ମିଛ ବାହାସ୍ଫୋଟ ଆମିକସ୍‌କ୍ୟୁରୀଙ୍କ ରିପୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅସିବା ପରେ ପଦାରେ ପଡ଼ିଛି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡିକରେ ଛାତ୍ରଛାତ୍ରୀଙ୍କୁ ମୌଳିକ ସୁବିଧା ଦିଆଯାଉ ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଖେଳ ପଡିଆ ତ ଦୂରର କଥା, ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଇଁ ପୃଥକ ଟଏଲେଟ୍ ବ୍ୟବସ୍ଥା ନାହିଁ। ସେହିପରି ଆବଶ୍ୟକ ସଂଖ୍ୟକ କ୍ଲାସ୍ ରୁମ୍ ମଧ୍ୟ ବହୁ ସ୍କୁଲରେ ନାହିଁ। ପାନୀୟ ଜଳ ସମସ୍ୟା ସ୍କୁଲ ଗୁଡିକରେ ରହିଛି। ଆଜି ହାଇକୋର୍ଟରେ ଅମିକସକ୍ୟୁରୀ ଏ ନେଇ ରିପୋର୍ଟ ଦାଖଲ କରିଛନ୍ତି। ବିଶେଷକରି ବୌଦ୍ଧ ଜିଲ୍ଲାର ୭ ଗୋଟି ପ୍ରାଇମେରୀ ସ୍କୁଲକୁ ସାମ୍ପୁଲ ଭାବରେ ନେଇ ଉକ୍ତ ସ୍କୁଲ ଗୁଡିକରେ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ରିପୋର୍ଟ ଦାଖଲ କରିଛନ୍ତି ଅମିକସକ୍ୟୁରୀ। ଉକ୍ତ ସ୍କୁଲଗୁଡିକରେ ଶୌଚାଳୟ ନଥିବା ରିପୋର୍ଟରେ ଦର୍ଶା ଯାଇଛି। ସେହିପରି କ୍ଲାସ ରୁମ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଠାରୁ ଆରମ୍ଭ କରି ସ୍କୁଲରେ ଅନେକ ମୌଳିକ ସମସ୍ୟା ରହିଥିବା ନେଇ ଅମିକସକ୍ୟୁରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କୋର୍ଟ ଏହି ମାମଲାକୁ ଅତି ଗୁରୁତ୍ୱ ସହ ନେଇ ସମସ୍ୟାଗୁଡିକର ତୁରନ୍ତ ସମାଧାନ ପାଇଁ ଗଣଶିକ୍ଷା ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୌଦ୍ଧ ଜିଲ୍ଲାର ଏହି ୭ ଗୋଟି ସାମ୍ପୁଲ ସ୍କୁଲ ସମେତ ରାଜ୍ୟରେ ଥିବା ବିଭିନ୍ନ ପ୍ରାଇମେରୀ ବିଦ୍ୟାଳୟ ଗୁଡିକରେ ଏହି ମୌଳିକ ସୁବିଧାଗୁଡିକ ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୨୭ ତାରିଖରେ ମାମଲାର ପରବର୍ତ୍ତି ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ।

## ଏପ୍ରିଲ ୩ରେ ହିନ୍ଦୋଳ ଓ ଅତାବିରା ଏନଏସି ନିର୍ବାଚନ

**ଭୁବନେଶ୍ୱର :** ଢେଙ୍କାନାଳ ଜିଲାର ହିନ୍ଦୋଳ ଓ ବରଗଡ଼ ଜିଲାର ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୨ ତାରିଖରେ ଶେଷ ହେଉଛି। ଏହାପୂର୍ବରୁ ଏହି ଦୁଇ ବିଜ୍ଞାପିତ ଅଞ୍ଚଳରେ ନିର୍ବାଚନ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୩ରେ ହିନ୍ଦୋଳ ଓ ଅତାବିରା ଏନଏସି ନିର୍ବାଚନ ହେବ ଏବଂ ଭୋଟ ଗ୍ରହଣ କରାଯିବ ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜିଠାରୁ ଆଚରଣବିଧି ଲାଗୁ ହୋଇଥିବାବେଳେ ମାର୍ଚ୍ଚ ୩ରେ ଏହି ଦୁଇ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପରେ ଆଶାୟୀ ପ୍ରାର୍ଥୀ ମାର୍ଚ୍ଚ ୯ରୁ୧୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ଆଶାୟୀ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ମାର୍ଚ୍ଚ ୧୬ରେ ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖ ସୁଦ୍ଧା ସେମାନେ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ଢେଙ୍କାନାଳ ଜିଲାର ହିନ୍ଦୋଳ ଓ ବରଗଡ଼ ଜିଲାର ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ର ମତଦାନ ଏପ୍ରିଲ ୩ରେ ଅନୁଷ୍ଠିତ ହେବ ଏବଂ ଏପ୍ରିଲ ୫ରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଏହା ପରେ ଏପ୍ରିଲ ୧୯ ତାରିଖରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

**ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାର ସୁଦୃଢ଼ୀକରଣକୁ ଗୁରୁତ୍ୱ**

## ଖାଲି ରହିବନି କୌଣସି ବର୍ଗର କର୍ମଚାରୀ ପଦ

**ଭୁବନେଶ୍ୱର :** ମାଧ୍ୟମିକ ଶିକ୍ଷାର ସୁଦୃଢ଼ୀକରଣ ପରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ନବକଳେବର ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାଥମିକ ସ୍ତରରେ ଖୁବଶିଘ୍ର ୨୦ ହଜାର ଶିକ୍ଷକ ନିଯୁକ୍ତି ପାଇବେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଖାଲି ଥିବା ପ୍ରାୟ ୪୦ ହଜାର ଶିକ୍ଷକ ପଦ ପୂରଣ ହେବ। ସେହିପରି ରେସିଡେନ୍ସି ପିରିୟଡ଼ ଅବଧି କମାଯିବା ପରେ ଶିକ୍ଷକମାନଙ୍କ ପଦୋନ୍ନତି ପ୍ରକ୍ରିୟା ସହଜ ହେବା ସହ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ ବର୍ଗରେ ଶିକ୍ଷକ ପଦ ପୂରଣ ହେବ। ସର୍ବୋପରି ଗଣଶିକ୍ଷା ବିଭାଗରେ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଖୁବଶୀଘ୍ର ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ପାଇଁ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯାଉଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଥିଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଥମିକ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ପାଇଁ ୨୦ ହଜାର କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିରେ)ଙ୍କୁ ନିୟୋଜନ କରାଯିବ। ଏହା ଦ୍ୱାରା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ତାଲିମ୍‌ପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ନିୟୋଜିତ ହେବେ। ସେହିପରି ୫୪ ହଜାର ବରିଷ୍ଠ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କର ପଦୋନ୍ନତି ପାଇଁ 'ରେସିଡେନ୍ସି ପିରିୟଡ୍' କୋହଳ କରାଯାଇଥିବାରୁ ଖାଲି ରହିଥିବା ବରିଷ୍ଠ ବର୍ଗର ଶିକ୍ଷକ ପଦ ତ୍ୱରିତ ପୂରଣ ହେବ। ସେହିପରି ମାଧ୍ୟମିକ ଶିକ୍ଷା ସ୍ତରରେ ୭,୫୪୦ ଜଣ ସରକାରୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଅଭାବ ସମସ୍ୟା ଦୂର କରିବାକୁ ୬୦୨୫ଟି ଏଲଟିଆର (ଛୁଟି ଓ ପ୍ରଶିକ୍ଷଣ ପାଇଁ ସଂରକ୍ଷିତ ପଦ) ଶିକ୍ଷକ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ମାଧ୍ୟମିକ ବିଦ୍ୟାଳୟ ସହ ଜିଲ୍ଲା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ମୋଟ୍ ୧୭୯୯ କନିଷ୍ଠ ସହାୟକ ପଦ ପୂରଣ ସହ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ୨୦୬୪ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ଏସଏସବି(ସର୍ଭିସ୍ ସିଲେକ୍ସନ୍ ବୋର୍ଡ) ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ଓପିଏସସି ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୩୩୫ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ୧୫୦ ଜଣ ପିଜିଟିଙ୍କୁ ଇତିମଧ୍ୟରେ ନିଯୁକ୍ତି ମିଳିଥିବା ବେଳେ ୨୦୨୩-୨୪ ସୁଦ୍ଧା ଆହୁରି ୩୬୭ ଜଣ ପିଜିଟିଙ୍କୁ ନିଯୁକ୍ତ ହେବେ। ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୧୫୪୩ ଜଣ ପିଜିଟି ନିଯୁକ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଏସଏସବି ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ ୫୫୫ ପିଜିଟି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ବିଭିନ୍ନ ସିଟି ସ୍କୁଲ୍ (ଡିଆଇଇଟି ଓ ବିଆଇଇଟି)ରେ ୧୨୦ଟି ଶିକ୍ଷକ-ପ୍ରଶିକ୍ଷକ ପଦବୀ ପୂରଣ କରିବାକୁ ମଧ୍ୟ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**କେତେ ପାରଙ୍ଗମ କ୍ରାଇମ୍‌ବ୍ରାଞ୍ଚ**

## ୫ ବର୍ଷରେ ମାତ୍ର ୧୫% ମାମଲାରେ ଚାର୍ଜଶିଟ୍

**ଭୁବନେଶ୍ୱର:** ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଓ ପାରିବାପଣିଆକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ କ୍ରାଇମବ୍ରାଞ୍ଚର ଟ୍ରାକ୍ ରେକର୍ଡ ଏବେ ପଦାରେ ପଡ଼ିଛି। ବିଭିନ୍ନ ଅପରାଧ ମାମଲାରେ ରାଜନୀତିକ ସମ୍ପୃକ୍ତି ଓ ବିବାଦ ବଢ଼ିବା ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ କଥା କହୁଥିବାବେଳେ ତଦନ୍ତର ମନ୍ଥର ଗତି ଓ ସଫଳତା ହାର ଏବେ କ୍ରାଇମବ୍ରାଞ୍ଚର ବିଶ୍ୱସନୀୟତା ଓ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁଥିପାଇଁ ଗତ ୫ବର୍ଷ ମଧ୍ୟରେ କ୍ରାଇମବ୍ରାଂଚ ମୋଟ ୯୧ଟି ମାମଲାର ତଦନ୍ତ ଭାର ହାତକୁ ନେଇଥିବାବେଳେ ସେଥିରୁ ମାତ୍ର ୧୫% ମାମଲାରେ ଚାର୍ଜଶିଟ୍ ଦାଖଲ କରିଛି ଓ ଆଉ ୧୫% ମାମଲାରେ ଫାଇନାଲ ରିପୋର୍ଟ ଦେବାରେ ସକ୍ଷମ ହୋଇଛି। ରାଜ୍ୟ ସରକାର ଫାଇଭ-ଟି ଉପରେ ଗୁରୁତ୍ୱ ଦେଉଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତର ମନ୍ଥର ଗତି ଯୋଗୁ ପ୍ରଭାବିତ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ୨୦୧୮ରୁ ୨୦୨୨ ମସିହା ମଧ୍ୟରେ କ୍ରାଇମବ୍ରାଞ୍ଚ ମୋଟ ୯୧ଟି ମାମଲା ତଦନ୍ତ ପାଇଁ ହାତକୁ ନେଇଛି। ସେଥିରୁ ୧୩ଟିର ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଆଉ ୧୪ଟିର ଫାଇନାଲ ରିପୋର୍ଟ ଦାଖଲ କରିଛି। ୨୦୧୮ରେ ମୋଟ ୩୨ଟି ମାମଲାରୁ ୫ଟିରେ ଚାର୍ଜଶିଟ୍ ଓ ୮ଟିରେ ଫାଇନାଲ ରିପୋର୍ଟ ଦାଖଲ କରିଥିବା କ୍ରାଇମବ୍ରାଞ୍ଚ ୨୦୧୯ରେ ୨୦ଟି ମାମଲାର ତଦନ୍ତ ଭାର ନେଇଛି। ସେଥିରୁ ୨ଟିରେ ଚାର୍ଜଶିଟ୍ ଓ ୩ଟିରେ ଫାଇନାଲ ରିପୋର୍ଟ, ୨୦୨୦ରେ ୧୫ଟି ମାମଲାରୁ ୨ଟିରେ ଚାର୍ଜଶିଟ୍ ଓ ଗୋଟିଏରେ ଫାଇନାଲ ରିପୋର୍ଟ, ୨୦୨୧ ମସିହାରେ ୧୮ଟି ମାମଲାର ତଦନ୍ତ ହାତକୁ ନେଇଥିବା କ୍ରାଇମବ୍ରାଞ୍ଚ ୩ଟି ମାମଲାରେ ଚାର୍ଜଶିଟ୍ ଓ ୨ଟି ମାମଲାର ଫାଇନାଲ ରିପୋର୍ଟ, ୨୦୨୨ରେ ମୋଟ ୬ଟି ମାମଲାରୁ ଗୋଟିଏରେ ଚାର୍ଜଶିଟ୍ ଦାଖଲ କରିବାରେ ସକ୍ଷମ ହୋଇଛି। ୨୦୨୩ ମସିହାରେ ୩ଟି ମାମଲା ମଧ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ତେବେ ୨୦୧୮ରୁ ୨୦୨୨ ମସିହା ମଧ୍ୟରେ ୯୧ଟି ମାମଲାରୁ ମାତ୍ର ୨୭ଟି ମାମଲାରେ ଚାର୍ଜଶିଟ ଓ ଫାଇନାଲ ରିପୋର୍ଟ ଦାଖଲ କରିଛି। ବାକି ମାମଲାର ତଦନ୍ତ ଏବେ ବି ଜାରି ରହିଛି। ସେହିପରି ୨୦୧୪ରୁ ୨୦୨୨ ମସିହା ମଧ୍ୟରେ ମୋଟ ୨୨୫ଟି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ନ୍ୟସ୍ତ ହୋଇଛି। ସେଥିରୁ ୮୮ଟି ମାମଲାରେ ଚାର୍ଜଶିଟ୍ ଓ ୪୫ଟି ମାମଲାରେ ଫାଇନାଲ ରିପୋର୍ଟ ହୋଇସାରିଛି। ୮୯ଟି ମାମଲାର ତଦନ୍ତ ଏବେ ବି ଜାରି ରହିଥିବାବେଳେ ୩ଟି ମାମଲା ସିବିଆଇ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରିଛି। ତେବେ ଯେକୌଣସି ସଙ୍ଗୀନ ଅପରାଧ ଓ ରାଜନୀତିକ ମୋଡ଼ ନେଉଥିବା ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରୁଥିବା ରାଜ୍ୟ ସରକାର ଏହି ସଂସ୍ଥାର ଟ୍ରାକ୍ ରେକର୍ଡକୁ ନେଇ କିଭଳି ଚୁପ୍ ଅଛନ୍ତି ଓ କ୍ରାଇମବ୍ରାଞ୍ଚ ନିଜର ତଦନ୍ତରେ ମନ୍ଥରତା ଅବଲମ୍ବନ କରିବା ପଛରେ ରାଜନୀତିକ ଚାପ କାର୍ଯ୍ୟ କରୁନି ତ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

## ଓଡ଼ିଶାର ଜାଗା ମିଶନକୁ ପ୍ରଶଂସା



**ଭୁବନେଶ୍ୱର :** ସହରାଞ୍ଚଳ ଭୂମିହୀନଙ୍କୁ ଜମି ଅଧିକାର ପ୍ରଦାନ କରିବାରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା। ବସ୍ତିର ବିକାଶରେ ସରକାରଙ୍କ ସହ ବସ୍ତିବାସିନ୍ଦାଙ୍କ ସହଯୋଗ ବି ଉଲ୍ଲେଖନୀୟ। ରାଜ୍ୟର ବିକାଶ ପାଇଁ ଅନ୍ୟ ରାଜ୍ୟ ବି ଏଭଳି ଯୋଜନା କାର୍ଯ୍ୟକାରୀ କରିବା ଦରକାର। ଭାରତ ଦର୍ଶନ ମାଧ୍ୟମରେ ଭୁବନେଶ୍ୱର ଆସିଥିବା ୬ଟି ରାଜ୍ୟର ଆଇଏଏସ୍ ଅଧିକାରୀ ଜାଗା ମିଶନକୁ ଏଭଳି ପ୍ରଶଂସା କରିଛନ୍ତି। ବସ୍ତିକୁ ସରସ ସୁନ୍ଦର କରିବା ସହ ଜାଗା ମିଶନର କାର୍ଯ୍ୟକାରିତାକୁ ପ୍ରଶଂସା କରିଛନ୍ତି ଅନ୍ୟରାଜ୍ୟର ବରିଷ୍ଠ ଅଧିକାରୀ। ଜାଗା ମିଶନ କଣ? ସହରାଞ୍ଚଳ ଭୂମିହୀନଙ୍କୁ କେମିତି ମିଳୁଛି ଜମି ଅଧିକାର? ଜମି ମିଳିବା ପରେ କେମିତି ତିଆରି ହୋଇଛି ଘର? ବିଜୁ ଆଦର୍ଶ କଲୋନୀରେ ଲୋକେ କେମିତି ରହୁଛନ୍ତି? ବସ୍ତିରେ ପରିମଳ ବ୍ୟବସ୍ଥା କିଭଳି ରହିଛି? ସହର ବିକାଶରେ ଭୂମିହୀନ ସହରାଞ୍ଚଳ ବାସିନ୍ଦାଙ୍କ ଯୋଗଦାନ କେତେ ରହିଛି? ସରକାର ଭୂମିହୀନଙ୍କୁ ଜମି ଅଧିକାର ସହ ଘର କେମିତି ଯୋଗାଇ ଦେଉଛନ୍ତି? ଗ୍ରାଉଣ୍ଡକୁ ଯାଇ ଏସବୁକୁ ଦେଖିଛନ୍ତି ୬ଟି ରାଜ୍ୟରୁ ଆସିଥିବା ଆଇଏଏସ ପ୍ରତିନିଧି। ଭାରତ ଦର୍ଶନ ମାଧ୍ୟମରେ ଓଡ଼ିଶା ଆସିଥିବା ପଞ୍ଜାବ, ମହାରାଷ୍ଟ୍ର, ହିମାଚଳପ୍ରଦେଶ, ରାଜସ୍ଥାନ ଏବଂ ଗୁଜୁରାଟର ଆଇଏଏସ୍ ମାନେ ଆଜି ଭୁବନେଶ୍ୱର ସ୍ଥିତ ଜାଗା ମିଶନ କାର୍ଯ୍ୟାଳୟରେ ଯୋଜନା ସଂପର୍କୀତ ଭିଡିଓ ଦେଖିଛନ୍ତି। ଏତେ ସଂଖ୍ୟକ ଲୋକଙ୍କୁ ଓଡ଼ିଶା ସରକାର କିଭଳି ଜମି ଅଧକାର ପ୍ରଦାନ କରିଛନ୍ତି ଏବଂ ବସ୍ତିରେ ଲୋକମାନେ କିଭଳି ଶୃଙ୍ଖଳିତ ଭାବରେ ବସବାସ କରୁଛନ୍ତି ତାହା ବୁଲି ଦେଖିବା ସହ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସଂଶା କରିଛନ୍ତି। ଓଡ଼ିଶା ସରକାରଙ୍କ ଜାଗା ମିଶନ ଯୋଜନା ଦେଶରେ ନମ୍ବର ୱାନ୍। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ସହରାଞ୍ଚଳରେ ବାସ କରୁଥିବା ଭୂମିହୀନଙ୍କୁ ଜମି ଅଧିକାର ପ୍ରଦାନ କରୁଛନ୍ତି। ଜମି ମିଳିବା ପରେ ନିଜ ଘରକୁ ସୁନ୍ଦର କରିବା ସହ ସବୁ ବିକଶମୂଳକ କାର୍ଯ୍ୟରେ କିଭଳି ଯୋଗଦାନ କରୁଛନ୍ତି ସେନେଇ ଅନ୍ୟ ରାଜ୍ୟର ଅଧିକାରୀମାନଙ୍କୁ କୁହାଯାଇଛି। ରାଜ୍ୟରେ ୨୯୧୯ଟି ବସ୍ତି ଚିହ୍ନଟ କରାଯାଇଛି। ଏବେସୁଦ୍ଧା ୧୧୦ଟି ସହରାଞ୍ଚଳରେ ୧ ଲକ୍ଷ ୭୫ହଜାର ଜମିଅଧିକାର ପ୍ରଦାନ କରାଯାଇଛି। ସେଗୁଡିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରିତ କରାଯାଉଛି। ବିଶେଷ କରି ବସ୍ତି ଅଞ୍ଚଳର ବିକାଶ କିଭଳି ନିଜେ କରିପାରିବେ ସେନେଇ ବସ୍ତିବାସିନ୍ଦାଙ୍କୁ ତାଲିମ୍ ପ୍ରଦାନ କରିବା ପାଇଁ ଉଦ୍ୟମ କରାଯାଉଥିବା ଜାଗା ମିଶନ ନିର୍ଦ୍ଦେଶକ କହିଛନ୍ତି। ୬ରାଜ୍ୟର ଆଇଏଏସମାନେ ବସ୍ତି ବୁଲିବା ସମୟରେ ବସ୍ତିବାସିନ୍ଦାଙ୍କ ସ୍ୱାଗତ ସମ୍ବର୍ଦ୍ଧନାରେ ବିଭୋର ହୋଇଛନ୍ତି। ଘରକୁ ଅତିଥି ଆସିବା ଭଳି ବସ୍ତିବାସିନ୍ଦା ଏକାଠି ହୋଇ ପାଛୋଟି ନେବା ସେମାନଙ୍କୁ ଅଭିଭୂତ କରିଛି। ବିଶେଷ କରି ସହର ବିକାଶରେ ବସ୍ତିବାସିନ୍ଦାଙ୍କ ଯୋଗଦାନ ଯେଉଁଭଳି ରହିଛି ତାହା ଦେଶରେ ବିରଳ। ଏହାକୁ ନିଜ ରାଜ୍ୟରେ ଲାଗୁ କରିବା ପାଇଁ ଉଦ୍ୟମ କରିବେ ବୋଲି ସେମାନେ କହିଛନ୍ତି।

**ରାଜ୍ୟରେ ଉଦ୍‌ବେଗଜନକ ସ୍ଥିତି**

## ୫ବର୍ଷରେ ୬୫% ଅପରାଧ ବଢ଼ିଛି

**ଭୁବନେଶ୍ୱର:** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବି କରୁଥିବାବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ ଦେଇଥିବା ଲିଖିତ ଉତ୍ତରରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଇଙ୍ଗିତ କରୁଛି। ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ୬୫.୪୨% ଅପରାଧ ବୃଦ୍ଧି ପାଇଛି। ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର ଆସିବା ପୂର୍ବରୁ ୨୦୨୨ ମସିହାରେ ରାଜ୍ୟରେ ମୋଟ ୧ଲକ୍ଷ ୭୮ହଜାର ୧୯୦ଟି ଅପରାଧ ମାମଲା ପଞ୍ଜିକୃତ ହୋଇଛି। ୨୦୧୮ ମସିହା ତୁଳନାରେ ଏହା ମୋଟ ୭୦୭୮୨ଟି ଅଧିକ ଅର୍ଥାତ ୬୫.୪୨% ଅଧିକ ବୋଲି ଜଣାପଡ଼ିଛି। ବିରୋଧୀ ଦଳଗୁଡ଼ିକ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବାରମ୍ବାର ସରକାରଙ୍କୁ ଟାର୍ଗେଟ୍ କରୁଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ବେଶ୍ ଭଲ ଅଛି କହି ରାଜ୍ୟ ସରକାର ଏସବୁକୁ ଏଡ଼ାଇ ଯାଉଥିଲେ। ତେବେ ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ଦେଇଥିବା ଲିଖିତ ଉତ୍ତର ଅନୁସାରେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ଚୋରି ଓ ଡକାୟତି ମାମଲା ବୃଦ୍ଧି ପାଇଛି। ୨୦୧୮ରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୧ଲକ୍ଷ ୭ହଜାର ୪୦୮ଟି ମାମଲା ରୁଜୁ ହୋଇଥିବାବେଳେ ୨୦୧୯ରେ ୧ଲକ୍ଷ ୨୧ହଜାର ୫୨୫, ୨୦୨୦ରେ ୧ଲକ୍ଷ ୩୪ହଜାର ୨୩୦ଟି, ୨୦୨୧ରେ ୧ଲକ୍ଷ ୫୫ହଜାର ୪୨୦ଟି ଓ ୨୦୨୨ରେ ୧ଲକ୍ଷ ୭୮ହଜାର ୧୯୦ଟି ମାମଲା ପଞ୍ଜିକୃତ ହୋଇଛି। ୨୦୨୨ ମସିହାରେ ୩୧୮୪ଟି ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୩୩୨୭ଥିଲା। ସେହିପରି ୨୦୨୨ ମସିହାରେ ୧୩୭୯ଟି ହତ୍ୟା, ୬୨୬ଟି ଡକାୟତି, ୨୯୯୮ଟି ଛିନତାଇ ଓ ୧୪୮୯୩ଟି ଚୋରି ମାମଲା ରୁଜୁ ହୋଇଛି। ୧୧୬୬୩ଟି ଗାଡ଼ି ଦୁର୍ଘଟଣା, ୫୩୫୨ଟି ସିନ୍ଧିଚୋରି ଓ ୧ଲକ୍ଷ ୩୦ହଜାର ୩୮୦ଟି ଅନ୍ୟାନ୍ୟ ଅପରାଧ ମାମଲା ରେକର୍ଡ ହୋଇଛି। ୨୦୧୮ ମସିହାରେ ରାଜ୍ୟରେ ୨୫୦୨ଟି ବଳାତ୍କାର ମାମଲା ରୁଜୁ ହୋଇଥବାବେଳେ ୨୦୨୨ରେ ଏହା ୩୧୮୪କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ରାଜ୍ୟ ସରକାର ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର ଜାରି କରି ରାଜ୍ୟର ଅପରାଧ ସଂକ୍ରାନ୍ତରେ ସୂଚନା ଦେଇଥାନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ମାର୍ଚ୍ଚ, ୨୦୨୩

# ନେତୃତ୍ୱ ବିଗିଡିଲେ ଅବସ୍ଥା ବିଗିଡେ



ପ୍ରଶ୍ନୋକ୍ତି
ତାରକ ମହାନ୍ତି

ଗତ ମଙ୍ଗଳବାର ଲୋୟର ପିଏମଜିରେ ବିକ୍ଷୋଭ ବେଳେ ବିଜେପି ଯୁବମୋର୍ଚ୍ଚାକର୍ମୀ-ପୋଲିସ ମଧ୍ୟରେ ଯେଉଁ ଘଟଣା ଘଟିଲା ଏହାକୁ ପ୍ରାୟୋଜିତ ବା ଘଟୁ ଘଟୁ ଘଟିଗଲା କହିହେବ କି! ରାଜ୍ୟରେ ଆଇନ ଶୃଙ୍ଖଳା ବିଗିଡିବା, ଅପରାଧ ବଢିବା ଏବଂ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରି ବିଜେପି ଯୁବମୋର୍ଚ୍ଚା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀଙ୍କ କହିବା କଥା ଯେ, ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଥିବାରୁ ତୁରନ୍ତ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ଏହି ଦାବି ନେଇ ବ୍ୟାରିକେଡ ଭାଙ୍ଗି ବିଧାନସଭା ଅଭିମୁଖେ ଯିବାକୁ ଚେଷ୍ଟା କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ସରକାର ଓ ପୋଲିସ ଉପରେ ବର୍ଷିଥିଲେ ବିକ୍ଷୋଭକାରୀ। ଧସେଇ ପଶିବା ଉଦ୍ୟମ ପରେ ବିକ୍ଷୋଭକାରୀଙ୍କୁ ବାଧା ଦେଇଥିଲା ପୋଲିସ। ଯାହାଫଳରେ ପୋଲିସ-ବିକ୍ଷୋଭକାରୀ ମୁହାଁମୁହିଁ ସ୍ଥିତିକୁ ଆସିଥିଲେ। ତେବେ ଏଭଳି କାରଣ ପଛରେ କେଉଁ କାରଣ। ରାଜତନ୍ତ୍ର ବିଲୋପନ ପରେ ଯେଉଁ ଗଣତନ୍ତ୍ରକୁ ନେଇ ଦେଶବାସୀ ନିଜକୁ ଆଶ୍ୱସ୍ତ ମନେକରୁଛନ୍ତି, ସେମାନଙ୍କ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ। କାରଣ ଗଣତନ୍ତ୍ର କୌଣସି ବ୍ୟକ୍ତିକୁ କିଛି ଏକଚାଟିଆ ଅଧିକାର ଦେଇନାହିଁ। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ସମାନତା ବା ଇକିଆଲିଟିର କୁହାଯାଉଥିବା କଥାରେ ହିଁ ଅସଲ ମଞ୍ଜି ରହିଛି। ସ୍ୱାଧୀନତା ପରେ ଦେଶର ସର୍ବାଧିକ ଶାସନ କ୍ଷମତା ଜାତୀୟ କଂଗ୍ରେସ ହାତରେ ରହିଛି। ଗରିବୀ ହଟାଓ ଶବ୍ଦ ପ୍ରୟୋଗ କରି କଂଗ୍ରେସ ଦୀର୍ଘବର୍ଷ ଶାସନ କରିଥିଲେ ବି ଦେଶରୁ ଗରିବୀ ହଟି ପାରିନି। ଏହାର କାରଣ କଣ ହୋଇପାରେ ? ସାଂପ୍ରତିକ ସମୟରେ ଦେଶରେ ଗରିବୀ ଅପେକ୍ଷା ଅନେକ ସମସ୍ୟା ମୁଣ୍ଡ ଟେକିଲାଣି। ଜନସଂଖ୍ୟା ଆଧାରରେ ଏହାର ଆକଳନ ଯଦିଓ କଷ୍ଟ ବ୍ୟାପାର ତଥାପି ସରକାରଙ୍କ ଦାୟିତ୍ୱ ଏହାର ସମାଧାନ ଓ ନିରାକରଣ। ବିଶ୍ୱରେ ଚୀନ ଯଦିଓ ଅଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ତଥାପି ଅଳ୍ପ କେଇଦିନ ପରେ ଭାରତ ଜନସଂଖ୍ୟାରେ ଚୀନକୁ ଟପିଯିବ ଏହା ନିଃସନ୍ଦେହ। ତେଣୁ ଶିକ୍ଷା ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇଦେବା ସରକାରଙ୍କ ମୂଳ ଲକ୍ଷ୍ୟ ହେବା ଦରକାର। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କଲାଭଳି ପ୍ରତି ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବା ବର୍ତ୍ତମାନର ବଡ଼ ଆହ୍ୱାନ। ଏପଟେ ସୀମା ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ମଧ୍ୟ ଅବହେଳା କରାଯାଇପାରିବନାହିଁ। ଚୀନ ଓ ପାକିସ୍ତାନ ଭାରତ ସୀମାକୁ ଲାଗି ରହିଥିଲା ବେଳେ ଉଭୟ ଦେଶ ଭାରତର ଶତ୍ରୁ ଅଟନ୍ତି। ଏମାନଙ୍କ ନିକଟରୁ ଦେଶର ସୀମା ତଥା ଦେଶବାସୀଙ୍କୁ ସୁରକ୍ଷିତ ରଖିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ସ୍ୱାଧୀନ ଭାରତର ଅଖଣ୍ଡତା ବିପନ୍ନ ହୋଇପଡିଲେ ଶତ୍ରୁ ରାଷ୍ଟ୍ରଙ୍କୁ ଏହାର ଫାଇଦା ମିଳିବ। ତେଣୁ ଏହିସବୁ ଦିଗପ୍ରତି ବର୍ତ୍ତମାନର ସରକାର ଅଧିକ ଗୁରୁତ୍ୱ ଦେଉଥିବାରୁ ପଡୋଶୀ ଶତ୍ରୁ ଚିନ୍ତାରେ ପଡିଛନ୍ତି। ସେମାନେ ଭାରତ ଭିତରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ ଉପାୟ ଅବଲମ୍ବନ ମଧ୍ୟ କରୁଥିବା ଦେଖାଦେଉଛି। କେଉଁଠି ସିଜଫାୟାର ଉଲ୍ଲଂଘନ ତ ଆଉ କେଉଁଠି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି କରୁଛନ୍ତି। ଗଲୱାନ ହେଉ କି ଭାରତ-ଚୀନ ସୀମାରେ ଅନ୍ୟ କୌଣସି ଘାଟି ନିକଟରେ ଚୀନ ସେନାକୁ ଦୃଢ଼ ମୁକାବିଲା କରୁଛନ୍ତି ଭାରତୀୟ ସେନା। ଅନ୍ୟପକ୍ଷେ ଅଖଣ୍ଡ ଭାରତର ପରିକଳ୍ପନା ଦେଶକୁ ସୁଦୃଢ଼ କରିବାର ଯେଉଁ ସଂକଳ୍ପ ଆରମ୍ଭ ହୋଇଛି,ତାହା କଠିନ ହୋଇପାରେ ମାତ୍ର ଆମର ଇତିହାସ ପୁଣି ଥରେ ଜାଗ୍ରତ ହୋଇପାରିବ। ଦେଶ ବିଭାଜନ ପୂର୍ବରୁ ଗୋରା ଶାସକ ଭାରତକୁ ଖଣ୍ଡ ଖଣ୍ଡ କରିଦେଇଥିଲେ। ପାକିସ୍ତାନ ପରି ଆଫଗାନିସ୍ତାନ, ନେପାଳ, ମିଆଁମାର, ଇରକ, ଇରାନ ଭଳି ଦେଶ ଗୁଡିକ ଭାରତର ଅଂଶ ବିଶେଷ ରହିଥିଲେ। ଭାରତ ଭୂଖଣ୍ଡ ଏକ ବିଶାଳ ସାମ୍ରାଜ୍ୟ ରହିଥିଲା। ବର୍ତ୍ତମାନର ଆୟତନ ଠାରୁ ଏହା ଆହୁରି ଅଧିକ ତିନିଗୁଣ ରହିଥିଲା। ଖଣ୍ଡ ବିଖଣ୍ଡିତ ହେବା ପରେ ଭାରତର ଭୌଗଳିକ ସ୍ଥିତି ବଦଳି ଯାଇ ଏହା ସଙ୍କୁଚିତ ହୋଇଯାଇଛି। ବାଂଲାଦେଶ ପାକିସ୍ତାନରୁ ବିଖଣ୍ଡିତ ହେବା ପରେ ନୂଆ ଦେଶର ମାନ୍ୟତା ପାଇଛି। ହେଲେ ଏହା ମଧ୍ୟ ଭାରତର ଅଂଶ। ତେଣୁ ଏମିତି ଦେଖିବାକୁ ଗଲେ ଅଖଣ୍ଡ ଭାରତର ପୁରୁଣା ଚିତ୍ର ଓ ସାମ୍ପ୍ରତିକ ସମୟରେ ବିଶ୍ୱ ମାନଚିତ୍ର ଯାହା ତାହା ମଧ୍ୟରେ ଯୁଦ୍ଧର ଘନଘଟା, ନୂଆ ରୋଗ, ପରିବେଶ ପ୍ରଦୂଷଣ ଭଳି ଅନେକ ସମସ୍ୟା ଦେଇ ଗତି କରିବାକୁ ପଡୁଛି। ସେ ଭିତରେ ଚୀନ ଭଳି ଦୁଷ୍ଟ ରାଷ୍ଟ୍ର ଜୈବିକ ଅସ୍ତ୍ର ଦ୍ୱାରା ବାରମ୍ବାର ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏପଟେ ପାକିସ୍ତାନ ପଟୁ ଆମ ସେନା ନିବାସ ସ୍ଥଳୀ ଅଞ୍ଚଳକୁ ଡ୍ରୋନ ଦ୍ୱାରା ଆକ୍ରମଣ ହେଉଛି। ସିଜ ଫାୟାର ଉଲ୍ଲଂଘନ କରି ବାରମ୍ବାର ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିବା ସହ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ ଚଳାଇଛି। ସେପଟେ ପାକିସ୍ତାନରେ ଖାଦ୍ୟ ଓ ଔଷଧର ଘୋର ଅଭାବ। ଆର୍ଥିକ ସ୍ଥିତି ବିଚାର କଲେ ବିଶ୍ୱରେ ପାକିସ୍ତାନ ଏବେ ଦେବାଳିଆ ଦେଶ। ଗତ ଦୁଇଦିନ ତଳେ ସାଉଦି ଆରବ ତରଫରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି, ଯାହାକି ପାକିସ୍ତାନର ମୁସ୍କିଲ ଆହୁରି ବଢାଇଦେଇଛି। ସାଉଦି ଆରବ ସରକାର ପାକିସ୍ତାନୀଙ୍କୁ ନିଜ ଦେଶକୁ ଆସିବା ଉପରେ କଟକଣା ଜାରି କରିବା ସହିତ ନୂଆ ଭିସା ଅବଦାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମାନେ ପାକିସ୍ତାନ ଭିସା ଦରଖାସ୍ତ ରିଜେକ୍ଟ ହୋଇଯାଇଛି। ଆଜିର ସନ୍ଦେଶ କି ବିଶ୍ୱରେ ଆଉ ହତିଆର ଲଢେଇ ଦରକାର ନୁହେଁ, ବୁଦ୍ଧିର ପ୍ରୟୋଗ ଦରକାର। ନୂଆଦିଲ୍ଲୀରେ ଚାଲୁଥିବା ଜି୨୦ ସମ୍ମିଳନୀରେ ପଶ୍ଚିମ ରାଷ୍ଟ୍ରମାନଙ୍କୁ ଏଭଳି କିଛି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରୁଷ ଓ ଆମେରିକା ଏହାକୁ ସମର୍ଥନ କରିଛନ୍ତି। ତେଣୁ ପାକିସ୍ତାନ ଏଥିରୁ ନିହାତି କିଛି ଶିକ୍ଷା ଲାଭ କରିବା ଉଚିତ। କାରଣ ସନ୍ତ୍ରାସବାଦ ବା ଆତଙ୍କବାଦ ଦ୍ୱାରା କୌଣସି ଦେଶ ସମୃଦ୍ଧ ହୋଇପାରିନାହିଁ। ତେଣୁ ନିଜ ଦେଶର ବିକାଶ କରିବାକୁ ହେଲେ ନିଜର ଅର୍ଥନୀତି ସୁଦୃଢ଼ କରିବା ସହିତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦରକାର। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବଦଳରେ କେବଳ ଗୁଳି ଗୋଳା ଦ୍ୱାରା ଅନ୍ୟକୁ କ୍ଷତି ପହଞ୍ଚିଲେ ଅନ୍ତିମ ପରିଣତି ଏଭଳି ହୋଇଥାଏ। ଅଭାବ ଅସୁବିଧା ମଧ୍ୟରେ ଗତି କରୁଥିବା ପାକିସ୍ତାନ ନାଗରିକ ଏବେ ଖାଦ୍ୟାଭାବ ସାଙ୍ଗକୁ ଜରୁରୀ ବ୍ୟବହାର ଔଷଧ ପାଇପାରୁନାହାନ୍ତି। ଡଲାର ଅଭାବରୁ ବାହାର ଦେଶରୁ କୌଣସି ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାକିସ୍ତାନ ପକ୍ଷେ ଆଉ ସମ୍ଭବ ହେଉନି। ପାକିସ୍ତାନୀ ନାଗରିକଙ୍କ କହିବା କଥା, ତାଙ୍କ ଦେଶର ଦୁର୍ବଳ ନେତୃତ୍ୱ ହିଁ ଦେଶକୁ କାଙ୍ଗାଳ କରିଦେଲା। ପାକିସ୍ତାନରେ ଏବେ ସାଂଘାତିକ ସ୍ଥିତି। ଘୋର ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଦରଦାମ ସ୍ଥିତି ବେଲଗାମ ହୋଇପଡିଥିବାରୁ ବଞ୍ଚିବା ଲାଗି ସାଧାରଣ ଲୋକମାନେ ସଂଘର୍ଷ କରୁଛନ୍ତି। ତିନିବେଳା ଖାଇବା ଯୋଗାଡ କରିବା ଆଉ ସମ୍ଭବ ହେଉନାହିଁ। ସେଥିପାଇଁ ବହୁ ଲୋକ ଓଳିଏ ରୋଷେଇ କରି ତାହାକୁ ତିନିବେଳା ଖାଉଛନ୍ତି। ବଡ ପରିବାରଗୁଡିକ କିଛି ପିଲାଙ୍କ ପାଠ ପଢ଼ିବା ବନ୍ଦ କରିଦେଲେଣି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ



ସୌମେନ୍ଦ୍ର ଜେନା

ସନ୍ତ୍ରାସବାଦୀ ଏବଂ ସ୍ୱେଚ୍ଛାସେବୀ ଏବେ ସାଙ୍ଗ ହୋଇ ସାରା ପୃଥିବୀରେ କାର୍ଯ୍ୟ କରୁଛନ୍ତି । ସ୍ୱେଚ୍ଛାସେବୀ ସେବା ଆଳରେ ଅର୍ଥ ସଂଗ୍ରହ କରୁଛନ୍ତି । ସନ୍ତ୍ରାସବାଦୀ ସେହି ଅର୍ଥରେ କିପରି ମଣଷ ଶିକାର କରୁଛନ୍ତି ତାହା ଦେଖାଯାଉ । କୋସୋଭା ଟାସ୍କ ଫୋର୍ସ ଅନ୍ତର୍ଗତ ଅନ୍ୟ ସଂଗଠନ କାଉନସିଲ ଅଫ୍ ଆମେରିକାନ୍ ଇସଲାମିକ ଅର୍ଗାନାଇଜେସନ୍ସ (କାଏର) ୧୯୯୪ରେ ଇସଲାମିକ ଆସୋସିଏସନ୍ ଅଫ୍ ପାଲେଷ୍ଟାଇନରୁ ବାହାରି ଜନ୍ମ ନେଇଥିଲା, ଯାହା ସନ୍ତ୍ରାସୀ ସଂଗଠନ ହାମାସ ସମର୍ଥନରେ ଆମେରିକାରୁ ଅର୍ଥ ସଂଗ୍ରହ କରୁଥିଲା । ଏହାର ପ୍ରତିଷ୍ଠାତା ନିହଦ ଆୱାଦ ପାଲେଷ୍ଟାଇନ ସଂଗଠନରେ ବଡ ପଦବୀରେ ରହିଥିଲା । ୨୦୦୭ରେ ହୋଲି ଲାଣ୍ଡ ଫାଉଣ୍ଡେସନ ସହ ମିଶି ହାମାସ ଫାଉଣ୍ଡେସନକୁ ଅର୍ଥ ପ୍ରଦାନ ଅଭିଯୋଗରେ କାଏରକୁ ଆମେରିକାର ଅପରାଧୀକ ବିଚାରର ସମ୍ମୁଖୀନ ହେବାକୁ ପଡିଥିଲା । ଆମେରିକା ସରକାରଙ୍କ ଆକଳନ ଅନୁଯାୟୀ ୧୯୯୫-୨୦୦୧ ମଧ୍ୟରେ ହୋଲି ଲାଣ୍ଡ ଫାଉଣ୍ଡେସନ ସନ୍ତ୍ରାସବାଦୀ ଗୋଷ୍ଠୀ ହାମାସକୁ ୧୨.୪ ମିଲିଅନ ଡଲାରର ଦାନ ଓ ସାମଗ୍ରୀ ଆମେରିକାରୁ ପଠାଇଥିଲା । ହାମାସକୁ ଦ୍ରବ୍ୟ ଯୋଗାଣ ଅଭିଯୋଗରେ ହୋଲି ଲାଣ୍ଡ ଫାଉଣ୍ଡେସନର ପାଞ୍ଚଜଣ ଅଧିକାରୀ ସୁକ୍ରୀ ଅବୁବକର, ମହମ୍ମଦ ଏଲ୍ ମେଜୈନ, ଘସନ ଇଲାସୀ, ମୁଫିଦ ଅବଦୁଲକାଦର ଓ ଅବଦୁଲ ରହମନ ଓଡେହ ଦୋଷୀ ସାବ୍ୟସ୍ତ ହୋଇଥିଲେ । ମୁସଲିମ ବ୍ରଦରହୁଡର ସନ୍ତ୍ରାସବାଦୀ ସଂଗଠନ ହାମାସ ସହ ସଂପର୍କ ରଖିଥିବା ହେତୁ ୨୦୧୪ରେ କାଏର ସମେତ ୮୨ଟି ଗୋଷ୍ଠୀକୁ ୟୁନାଇଟେଡ୍ ଆରବ ଏମିରେଟ ସନ୍ତ୍ରାସବାଦୀ ଗୋଷ୍ଠୀ ଭାବେ ଘୋଷଣା କରିଥିଲେ ।

କୋସୋଭା ଟାସ୍କ ଫୋର୍ସ ଅନ୍ତର୍ଗତ ଅନ୍ୟ ଏକ ସଂଗଠନ କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଅଫ୍ ଚିକାଗୋ (ସିଆଇଓସି) ହେଉଛି ଚିକାଗୋ ଅଞ୍ଚଳରେ ମସଜିଦ୍‌ଠାରୁ ମୁସଲିମ ବିଦ୍ୟାଳୟ ପର୍ଯ୍ୟନ୍ତ ଗୋଷ୍ଠୀଗତ କାର୍ଯ୍ୟରେ ସକ୍ରୀୟଥିବା ୬୦ଟି ସଂଗଠନ ମଧ୍ୟରୁ ଅନ୍ୟତମ । ଅନ୍ୟ କେତେକ ସଂଗଠନ ହେଲେ ଇଣ୍ଡିଆନ ଆମେରିକାନ୍ ମୁସଲିମ କାଉନସିଲ (ଆଇଏଏମ୍‌ସି) ,ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା, ମୁସଲିମ ଆମେରିକାନ୍ ସୋସାଇଟୀ, ଜକାତ ଫାଉଣ୍ଡେସନ୍ ଆମେରିକା, ଏଚ୍‌ଏଚ୍‌ଆର୍ ଡିୟୁଏସ୍, ଏବଂ ଇମାନା । ୧୯୯୨ରେ ଏହି ସଂସ୍ଥା (ଇଆଇଏନ: ୩୬-୩୮୬୯୭୪୯) ସ୍ଥାପନା ହୋଇ ସେପ୍ଟେମ୍ବର ୧୯୯୫ରୁ ଟିକସ ଛାଡ ସୁବିଧା ପାଇଥିଲା । କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଜେନେରାଲ କାଉନସିଲର ପ୍ରତିଷ୍ଠାତା ମହମ୍ମଦ କୈଶରୁଦ୍ଦୀନ ଯିଏକି ସଂପ୍ରତି ଅନ୍ୟ ଏକ ସହଯୋଗୀ ସଂଗଠନ ଜକାତ ଚିକାଗୋର ଅଧକ୍ଷ ଏବଂ ଡାଉନଟାଉନ ଇସଲାମିକ ସେଣ୍ଟରର (ଡିଆଇସି)ର ଉପାଧକ୍ଷ ରହିଛନ୍ତି । କୈଶରୁଦ୍ଦୀନ ହାଇଦ୍ରାବାଦର ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ରହିଥିଲେ ।

୨୦୧୭ରେ ସିଆଇଓଜିସିର ନୂତନ ବୋର୍ଡ ସଦସ୍ୟ ଭାବେ ହଲିଲ ଡେମିରଙ୍କୁ ନିଯୁକ୍ତି ମିଳିଥିଲା । ୨୦୧୭ରେ ସେ ଜକାତ ଫାଉଣ୍ଡେସନ ଆମେରିକାର ନେତା ରହିଥିଲେ । ହମିର ନିଜେ ଜଣେ ତୁର୍କୀ ମୂଳର ଲୋକ ଯିଏକି ୨୦୦୧ରେ ଆମେରିକାରେ ଜକାତ ଫାଉଣ୍ଡେସନ ଆମେରିକା ଆରମ୍ଭ କରିଥିଲେ । ଏହା ବ୍ୟତିରେକ ହଲିଲ ଡେମିର ଚିକାଗୋର ବିନେଭେଲେନ୍ସ ଇଣ୍ଟରନେସନାଲ ଫାଉଣ୍ଡେସନ (ବିଆଇଏଫ୍)ର ଲୋକସଂପର୍କ ଅଧିକାରୀ । ଏହି ସଂସ୍ଥାର କାର୍ଯ୍ୟାଳୟ ବୋସନିଆ ଓ ହେର୍ଜେଗୋଭିନା, ପାକିସ୍ଥାନ, ଚୀନ, ରୁଷିଆର ଚେଚେନ୍ୟା ଇନଗ୍ରିସେଟିଆରେ କାର୍ଯ୍ୟାଳୟ ରହିଛି । ୨୦୦୭ରେ ବିନୋଭେଲେନ୍ସ ଇଣ୍ଟରନେସନାଲ ଫାଉଣ୍ଡେସନ (ବିଆଇଏଫ୍) ସମେତ ଅନ୍ୟ ଦୁଇଟି ସଂସ୍ଥା ଅଲ୍ କାୟଦା ଏବଂ ଅନ୍ୟ ଉଗ୍ରବାଦୀ ସଂଗଠନକୁ ଆର୍ଥିକ ସହାୟତା ଯୋଗାଉଥିବା ବିଷୟ ଆମେରିକାର ଟ୍ରେଜେରୀ ପକ୍ଷରୁ ପ୍ରକାଶ କରାଯାଇଥିଲା । ବିଆଇଏଫ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନାମ ଆର୍ଣ୍ଣୋଟ ଏବଂ ଅଲ୍‌କାୟଦା ମୁଖ୍ୟ ଓସାମାବିନ୍ ଲାଡେନ ମଧ୍ୟରେ ଉତ୍ତମ ସଂପର୍କ ରହିଥିଲା । ଲାଡେନ ତରଫରୁ ଅନ୍ୟମାନଙ୍କୁ ସେ ଅର୍ଥ ଦେଉଥିଲା । ଏହା ସହ ଆର୍ଣ୍ଣୋଟ ଶେଷରେ ବୋସ୍‌ନିଆ ଏବଂ ଚେଚେନ୍ୟାର ଉଗ୍ରବାଦୀଙ୍କୁ ଅର୍ଥଦାନ ପାଇଁ ସଂସ୍ଥାର ପାଣ୍ଠିକୁ ବ୍ୟବହାର କରିଥିବା କଥା ସ୍ୱୀକାର କରିଥିଲେ । ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚ଼ରିଟିଜର ଅଧକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା । କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚ଼ର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର

ବୈଚ଼ରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ। ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚ଼ରିଆଡୁ ଚ଼ନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚ଼ନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚ଼ରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

*ଭାରତୀୟ ସମ୍ବାଦ ସେବା(ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ ?



ଡାକ୍ତର ସମ୍ରାଟ କର

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି : ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। କେତେଜଣ ବହି ଧରି ଶୁଅନ୍ତି। ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ୍ୟ କେବଳ ପାଠ ମନେ ପଡ଼ିବ। ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର। ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ। ଠିକ୍ ଭାବେ ନ ଶୋଇଲେ, ଭାବନା ମଧ୍ୟ ସଠିକ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନ ଆଦି ଭାରି ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ଟିକିଏ ନିଦୁଆ ଲାଗେ। ପାଠ ଠିକ୍ ଭାବେ ମନେ ରହେ ନାହିଁ। ସୂଚୀ : ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ ? କଅଣ ମନେ ରହୁନାହିଁ ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ତାଲିକା : ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତାହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପରିବେଶ : ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ନିତିଦିନିଆ ଅଭ୍ୟାସ ରଖ। ଖାଇବା ଓ ଶୋଇବା ହଠାତ୍ କମ କରନାହିଁ। ନିଜେ ନିଜକୁ ପୁରସ୍କାର ଦିଅ। ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି। ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି ? ନିଜ ପାଖରେ କଅଣ ଅଛି ? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ କଳ୍ପନା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ୍ୟ ମନେ ରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ମାନସିକ ସମସ୍ୟା : ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସ ପାଠ ଠିକ୍ ଭାବେ ମନେ ରହୁନାହିଁ। ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ କୁଆଡ଼େ ପଳାଏ, ସେଠୁ ପୁଣି ଆଉ କୁଆଡ଼େ। ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ହୋଇପାରେ। ଭୋଜିଭାତ, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ୍ୟ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ। ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଏହା ହୋଇପାରେ।

ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। ଅତ୍ୟଧିକ ଛାନିଆ ହେବା : କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ।

କାରଣ : ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା - ପାଠ କିପରି ପଢ଼ିବି ? କିପରି ମନେ ରଖିବି ? ପ୍ରଶ୍ନ କଅଣ ପଡ଼ିବ ? ପରୀକ୍ଷା ଫଳ କଅଣ ହେବ ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ ?

ଲକ୍ଷଣ : ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ୍ୟ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ।

ଛାନିଆ ହେବା କିପରି କମ୍ କରିବ ? ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ। ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବ। ପରୀକ୍ଷାରେ ପଡ଼ିଲେ କଅଣ ଲେଖିବ ବୋଲି ଭାବିବ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ଆଜି ମଧ୍ୟ ସେହିପରି କରିବ। ଅତି ତରତର ହେଲେ ଛାତି ଧଡ଼୍ ଧଡ଼ ହେବ, ଝାଳ ବାହାରିବ। ପ୍ରକୃତରେ ମନ ଛାନିଆ ନ ହେଲେ ମଧ୍ୟ ଛାତି ଧଡ଼ ଧଡ଼ ହେବା ଯୋଗୁଁ ଛାନିଆ ହେବା ଭଳି ଲାଗିବ। ନିଜର ଖାତା, ବହି ଓ ନୋଟ୍‌ସ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ। ନିହାତି ଦରକାର ନହେଲେ ଖୋଲିବ ନାହିଁ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ। ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହାସାଧାରଣ କଥା ଓ ସମ୍ଭବପର। ସବୁଠିକ୍ ହେବ। ପରୀକ୍ଷା ଆରମ୍ଭ ହେବାର ଠିକ୍ ଦଶ ପନ୍ଦର ମିନିଟ୍ ପୂର୍ବରୁ କେତେଜଣ ଅଧିକ ଛାନିଆ ହୋଇଯାଆନ୍ତି। ତେଣୁ ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଦିଅ। ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହାସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେ ଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୁରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

ମନେରଖ : ପରୀକ୍ଷା ପୂର୍ବରୁ ପାଠ ପଢ଼ିବା ଦରକାର। ତୁମେ ଏକା ନୁହେଁ, ଏହି ପାଠପଢ଼ା ସମସ୍ତଙ୍କ ଉପରେ କିଛି ନା କିଛି ମାନସିକ ଚାପ ପକାଏ। ମାନସିକ ଚାପ କେତେ ହେବ, ତାହା ନିଜ ଉପରେ ନିର୍ଭର କରେ। ପରୀକ୍ଷାରେ ସଫଳତାର ଚାବିକାଠି ହେଉଛି ସଠିକ୍ ଯୋଜନା। ପରୀକ୍ଷା ବିଷୟରେ ବେଶି ଭାବ ନାହିଁ, ବେଶି ଭାବିଲେ କିଛି କରିହେବ ନାହିଁ। ଯାହା ଉପରେ ଆମ ନିୟନ୍ତ୍ରଣ ନାହିଁ, ଆମେ କିଛି କରିପାରିବା ନାହିଁ। ମାତ୍ର ପାଠ ପଢ଼ିଲେ, ପରୀକ୍ଷାରେ ଭଲ କରିପାରିବା।

*ମାନସିକ ରୋଗ ବିଭାଗ,*
*ପୁରୀଘାଟ ରୋଡ଼୍, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*

# ଫଗୁଣରେ ଫଗୁଖେଳ

ପ୍ରେମାନନ୍ଦ ପାଣିଗ୍ରାହୀ

ଫାଲଗୁନ ମାସ ସୂର୍ଯ୍ୟଙ୍କର ଉତ୍ତରାୟଣ ସମୟ । ଏହି ମାସରେ ପ୍ରକୃତି ବସନ୍ତ ଋତୁର ସୌନ୍ଦର୍ଯ୍ୟରେ ଭରପୂର ହୋଇଥାଏ । ସୌର ଗଣନା ଅନୁସାରେ ଏହି ମାସର ନାମ କୁମ୍ଭ ମାସ । କୁମ୍ଭ ମାସରେ ଆକାଶରେ ଫାଲଗୁନୀ ନକ୍ଷତ୍ର ଅବସ୍ଥାନ କରିଥାନ୍ତି । କଥାରେ ଅଛି ଫଗୁଣ ମାସରେ ଦୋଳ ଗୋବିନ୍ଦ,ଫଗୁ ଖେଳୁଛନ୍ତି ପରମାନନ୍ଦ । ତେଣୁ ଫଗୁଣ ମାସ ଦୋଳ ଗୋବିନ୍ଦଙ୍କ ସମୟ । ଫାଲଗୁନ ମାସକୁ ସୁବର୍ଣ୍ଣ ମାସ ମଧ୍ୟ କୁହାଯାଇଥାଏ । ଜଗନ୍ନାଥଙ୍କର ଦ୍ୱାଦଶ ଉତ୍ସବ ମଧ୍ୟରେ ଦୋଳ ବା ଚାଚେରୀ ଉତ୍ସବ ଏକ ପ୍ରଧାନ ଉତ୍ସବ । ଫଗୁ ସହ ଫଗୁଣ ଆଉ ଦୋଳି ସହ ଦୋଳ ଏପରି ସାମଞ୍ଜସ୍ୟ ମଧ୍ୟ ଉଲ୍ଲେଖନୀୟ । ଫଗୁଣ ର ପ୍ରମୁଖ ପର୍ବ ଦୋଳ । ଫଗୁ ଖେଳ ହେତୁ କେହି କେହି ଦୋଳ ପୂର୍ଣ୍ଣିମାକୁ ଫଗୁ ପୂର୍ଣ୍ଣିମା ମଧ୍ୟ କହିଥାନ୍ତି । ତେବେ ଯାହାକୁ ନେଇ ଏହି ଉତ୍ସବର ଉତ୍ପତ୍ତି ତାହା ହେଉଛି ଫଗୁ ବା ରଙ୍ଗ । ଫଗୁ ବା ଅବିର ସ୍ନେହ ସଦିଚ୍ଛା ଓ ସଂପ୍ରୀତିର ପ୍ରତୀକ । ବସନ୍ତ ଋତୁରେ ହର୍ଷ ଉଲ୍ଲାସର ସହ ପାଳନ କରାଯାଉଥିବାରୁ ଦୋଳକୁ ବସନ୍ତ ଉତ୍ସବ କୁହାଯାଏ । ମଦନ ମହୋତ୍ସବ ରୁ ଦୋଳ ଉତ୍ସବର ପରିକଳ୍ପନା । ଓଡିଆ ଘରର ପରମ୍ପରା ଅନୁଯାୟୀ ଦୋଳ ଯାତ୍ରା ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଚୈତ୍ର ମାସ ଦଶମୀ ପର୍ଯ୍ୟନ୍ତ ବଭିନ୍ନ ସ୍ଥାନରେ ପାଳିତ ହୁଏ । ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ଅବିର ରଙ୍ଗରେ ରଙ୍ଗମୟ ହୁଏ ଭକ୍ତ ଜନର ମନ । ସଂଗୀତମୟ ହୁଏ ମନ୍ଦିର ଓ ଗାଁ ଦାଣ୍ଡ । ଶ୍ରୀଚୈତନ୍ୟଙ୍କର ପବିତ୍ର ଜନ୍ମ ତିଥି ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳକୁ ରାଜ ଦୋଳ ଭାବରେ ପାଳନ କରାଯାଉଥିବା ବେଳେ ପୂର୍ଣ୍ଣିମା ପରେ ପାଞ୍ଚ ଦିନ ପର୍ଯ୍ୟନ୍ତ ପଞ୍ଚୁ ଦୋଳ ଭାବରେ ପାଳନ କରାଯାଏ । ଯେଉଁ କେତେକ ସ୍ଥାନରେ ଦୋଳ ଯାତ୍ରା ପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇ ଛଅ ଦିନ ,ସାତ ଦିନ ବା ଦଶ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ ସେଠାରେ ଦୋଳ ଯାତ୍ରାକୁ ଷଷ୍ଠଦୋଳ,ସପ୍ତ ଦୋଳ.ଦଶ ଦୋଳ କୁହାଯାଏ । ଦୋଳ ପର୍ବ ହେଉଛି ଲୀଳାମୟ ଶ୍ରୀକୃଷ୍ଣଙ୍କର ଦ୍ୱାପର ଯୁଗର ବସନ୍ତ ରାସ ସମ୍ବଳିତ ଏକ ମହନୀୟ ପରମ୍ପରା । ପ୍ରକୃତି ଓ ପୁରୁଷର ମିଳନାତ୍ମକ ରାସୋତ୍ସବର ପରିପ୍ରକାଶ । ଜନମାନସର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସାଂସାରୀକ ବାସନାରୁ ମୁକ୍ତ ହୋଇ ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେସଙ୍ଗେ ଚାଚେରୀ ଖେଳିଥିଲେ । ସେମାନେ ପରମପ୍ରୀୟଙ୍କୁ ଫୁଲରେ ବିମଣ୍ଡିତ କରି ଦୋଳି ଖେଳାଇ ଥିଲେ ଓ ତାଙ୍କ ସହ ଫଗୁ ଖେଳି ଆମୋଦ ପ୍ରମୋଦରେ ମଜ୍ଜି ରହିଥିଲେ । ରାଧା ଓ କୃଷ୍ଣ ହିନ୍ଦୁ ମଣିଷ ଭିତରେ ପରିପୂର୍ଣ୍ଣ ପ୍ରେମର ଦୁଇଟି ଅମଳିନ ଫୁଲ । ଶ୍ରୀକୃଷ୍ଣଙ୍କ ଲୀଳାର ଅବିର ବା ରଙ୍ଗ ଖେଳରୁ ଦୋଳୋତ୍ସବର ସୃଷ୍ଟି । ଏହା ହେଉଛି ବସନ୍ତ ଋତୁର ପୁଲକିତ ପର୍ବ । ଉଚ୍ଛ୍ୱସିତ ଉଲ୍ଲାସର ଅଭିବ୍ୟକ୍ତି ଏହି ବର୍ଣ୍ଣାଢ୍ୟ ପର୍ବର ଛତ୍ରେ ଛତ୍ରେ ପରିଲକ୍ଷିତ । ଫାଲଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଦୋଳ ଯାତ୍ରା ସାଧାରଣତଃ ଆରମ୍ଭ ହୁଏ । ଫଗୁ ଦଶମୀରେ ବିଧିବଦ୍ଧ ଭାବେ ଆରାଧ୍ୟ ରାଧାକୃଷ୍ଣଙ୍କ ପାଖରେ ଅବିର ଅର୍ପଣ କରାଯିବା ପରେ ପାରମ୍ପରୀକ ରୀତିରେ ଫଗୁ ଉତ୍ସବ ଆରମ୍ଭ ହୁଏ । ଶ୍ରୀ ହର୍ଷ ରତ୍ନାବଳୀ ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି ଦୋଳେ ଚ ଦୋଳ ଗୋବିନ୍ଦଂ,ଚାପେ ଚ ମଧୁସୂଦନଂ । ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନଃ ଜନ୍ମ ନବିଦ୍ୟତେ । ଅର୍ଥାତ ଦୋଳରେ ଦୋଳ ଗୋବିନ୍ଦ,ଚାପରେ ମଧୁସୂଦନ ଏବଂ ରଥରେ ବାମନଙ୍କୁ ଦର୍ଶନ କଲେ ପୁର୍ନଜନ୍ମରୁ ମାନବ ମୁକ୍ତି ପାଏ । ତେଣୁ ସାଧାରଣ ଲୋକଙ୍କ ପାଇଁ ଫଗୁଣ ମାସରେ ଦୋଳ ଦର୍ଶନ ଏକ ପରମ ପବିତ୍ର ଦୃଶ୍ୟ । ଭକ୍ତମାନେ ସବୁବେଳେ ଠାକୁରଙ୍କୁ ଦର୍ଶନ କରୁଥିଲେ ମନ୍ଦିରରେ,ନୈବେଦ୍ୟ ଅର୍ପଣ କରୁଥିଲେ ଭଗବାନଙ୍କ ପୀଠସ୍ଥଳୀରେ କିନ୍ତୁ ଦୋଳ ଉତ୍ସବରେ ଠାକୁର ନିଜ ସିଂହାସନରୁ ଓହ୍ଲାଇ ଆସନ୍ତି ଭକ୍ତର ଦ୍ୱାର ନିକଟକୁ । ଭକ୍ତ ନିକଟକୁ ଯାଇ ତାର ଭକ୍ତି ନୈବେଦ୍ୟ ଗ୍ରହଣ କରନ୍ତି । ଭକ୍ତଙ୍କ ସହ ରଙ୍ଗ ଖେଳନ୍ତି । ନୂଆ ଆମ୍ବ,ଚଣା,ଖଜା,ମୁଆଁ ଉଖୁଡା,ଖଇ ଠାକୁରମାନଙ୍କ ନିକଟରେ ଚାଚେରୀ ଭୋଗ ବା ଦ୍ୱାରୀ ଭୋଗ ଲାଗି କରାଯାଏ । ଭଗବାନ ଯେ ସର୍ବଦା ଭକ୍ତଙ୍କର ଏହାହିଁ ପ୍ରତିପାଦିତ କରିବା ବୋଧ ହୁଏ ଦ୍ୱାରୀ ଭୋଗର ଉଦ୍ଦେଶ୍ୟ । ଗ୍ରାମବାସୀମାନେ ନିଜ ନିଜ ଘର ସମ୍ମୁଖରେ ସୁସଜ୍ଜିତ ବେଦୀରେ ଠାକୁରଙ୍କୁ ଚାଚେରୀ ଭୋଗ ଓ ଫଗୁ ଅର୍ପଣ କରିଥାନ୍ତି । ଫଗୁ ବା ଅବିର ଠାକୁରମାନଙ୍କୁ ଅର୍ପଣ କରାଯାଇ ଆବାଳ ବୃଦ୍ଧ ବନିତା ସମସ୍ତେ ପରସ୍ପର ମଧ୍ୟରେ ବୋଲାବୋଲି ହୋଇ ନିଜ ନିଜର ସ୍ନେହ ସମ୍ମାନ ଜଣାଇ ଶୁଭ କାମନା କରିଥାନ୍ତି । ଫଗୁର ରଙ୍ଗରେ ରଙ୍ଗୀନ ହୋଇଯାଏ ଦେହ ଓ ମନ । ସବୁ ଭେଦଭାବକୁ ଭୁଲି ସମସ୍ତେ ମତୁଆଲା ହୋଇ ଉଠନ୍ତି ରଙ୍ଗର ପରଶରେ । ଦୋଳ ବିମାନ ସମ୍ମୁଖରେ ଗୋପାଳମାନଙ୍କର ଲଉଡି ଖେଳ ବେଶ ଚିତ୍ତାକର୍ଷକ ହୁଏ । ଫଗୁ ପ୍ରକୃତିର ଅବଦାନ । ଫଗୁ ସହିତ ଆମର ସମ୍ପର୍କ ନିବିଡ ଓ ଚିରନ୍ତନ । ଆମ ଜୀବନର ସୁଖ ସମୃଦ୍ଧି ଆଣିବାରେ ସାହାଯ୍ୟ କରେ । ଏହା ମୈତ୍ରୀ ଓ ଭାବ ବିନିମୟର ପ୍ରତୀକ । ଶ୍ରଦ୍ଧା,ସଂହତିର ରଜ୍ଜୁ । ସବୁରୀ ମନରେ ଭରିଦିଏ ଅହେତୁକ ଆନନ୍ଦ,ଯେଉଁ ଆନନ୍ଦ କେବଳ ପାର୍ଥୀବ ନୁହେଁ ଏହା ସ୍ୱର୍ଗୀୟ ପ୍ରେମର ଏକ ଧାରା । ଦୋଳ ଓ ହୋଲି ପ୍ରତିଟି ଓଡିଆଙ୍କ ପାଇଁ ଅତ୍ୟନ୍ତ ଭାବପୂର୍ବ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ: ୯୧୭୮୭୧୩୪୪୫*

# କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ଭଣ୍ଡୁର କରିବା ଉଦ୍ୟମକୁ ନିନ୍ଦା



**ଅସ୍ତରଙ୍ଗ :** ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିବା ପାଇଁ କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତଥା କାକଟପୁରର ବିଧାୟକ ଶ୍ରୀଯୁକ୍ତ ତୁଷାର କାନ୍ତି ବେହେରା ଶୁକ୍ରବାର ଦିନ ଅସ୍ତରଙ୍ଗ ବ୍ଲକକୁ ଯାଇ ବିଡ଼ିଓ ଡ଼ଃ ବେବିତା ମଞ୍ଜରୀ ନାୟକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମିଳିତ ମଞ୍ଚ ଆବାହକ ଦିବାକର ଛାଟୋଇ,ଅସ୍ତରଙ୍ଗ ବ୍ଲକ୍ ଅଧକ୍ଷା ଆରତୀ ନାୟକ ,ଅସ୍ତରଙ୍ଗ ବ୍ଲକ୍ ଉପାଧକ୍ଷ ଦୁର୍ଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ,ନଗର ନୋମିନ ପିଙ୍କି ବେହେରା, ଆଳଙ୍ଗପୁର ନୋମିନ୍ କୌଶଲ୍ୟା ଲେଙ୍କା,ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୋଳ,ନଇଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ନଇଗୁଆଁ ନୋମିନ ପ୍ରଦୀପ୍ତ ସାହୁ,ଝାଡଲିଙ୍ଗ ନୋମିନ ଶିବ ପରିଡ଼ା,ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ,କେନ୍ଦ୍ରାପାଟି ସରପଞ୍ଚ କାଣ୍ଡି,ସରିପୁର ସରପଞ୍ଚ ବନିତା କାଣ୍ଡି ,ସରିପୁର ନୋମିନ ସୁକାନ୍ତି ଦାସ ,ମାଣ୍ଡୁକୀ ସରପଞ୍ଚ ପ୍ରତିନିଧି ଇନ୍ଦ୍ରମଣି ଜେନା,ମାଣ୍ଡୁକି ନୋମିନ ଗଗନ କାଣ୍ଡି,ପୂର୍ବତନ ସରପଂଚ ଅଧିକାରୀ ବେହେରା,କଂଗ୍ରେସ ଜିଲ୍ଲା ସମ୍ପାଦକ ପ୍ରତାପ ଖୁଣ୍ଟିଆ ପ୍ରମୁଖ ବ୍ଲକ ପରିସରକୁ ପ୍ରବେଶ କରି ମନ୍ତ୍ରୀଙ୍କ ସମୀକ୍ଷା କାର୍ଯ୍ୟକୁ ବିରୋଧ କରିଥିଲେ। ସମୀକ୍ଷା ବୈଠକ ଚାଲିଥିବା ବେଳେ ଜନ ପ୍ରତିନିଧିମାନେ ବିଡ଼ିଓଙ୍କ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସି ସେମାନଙ୍କୁ ଅଟକାଇଥିଲେ। ଅସ୍ତରଙ୍ଗ ପଞ୍ଚାୟତ ସମିତି ବିଜେପି, କଂଗ୍ରେସ ଓ ବିଜେଡି ବିରୋଧୀ ମାନଙ୍କୁ ନେଇ ଅସ୍ତରଙ୍ଗ ବ୍ଲକରେ ବର୍ତ୍ତମାନ ମିଳିତମଞ୍ଚ ଗଠନ ହୋଇଛି। ମିଳିତ ମଞ୍ଚ ହାତରେ ଏବେ ବ୍ଲକ ଅଧକ୍ଷ ପଦବୀ ଅଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ସମୀକ୍ଷା ବୈଠକ ପୂର୍ବରୁ ବ୍ଲକ ଅଧକ୍ଷା ଆରତି ନାୟକଙ୍କ ସମେତ ପିଆରଆଇ ମେମ୍ବରଙ୍କୁ କୌଣସି ସୂଚନା ନଦେବା ବିନା ଚିଠିରେ ବ୍ଲକକୁ ସମୀକ୍ଷା କରିବାକୁ ଆସିବା,ମୋ ହସ୍ପିଟାଲ ଯୋଜନାରେ ଅସ୍ତରଙ୍ଗକୁ ସାମିଲ ନ କରିବା,୧୫ ଟିପଞ୍ଚାୟତ ରେ ୧୫ ପିଇଓ ରହିବା ସ୍ଥାନରେ ମାତ୍ର ୬ଜଣ ରହିବା,ଅସ୍ତରଙ୍ଗରେ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ପ୍ରମୁଖ ଘଟଣାକୁ ନେଇ ଅଭିଯୋଗ କରିବା ସହିତ ପାଟିତୁଣ୍ଡ କରିଥିଲେ। ସମୀକ୍ଷା ବୈଠକ ସ୍ଥଗିତ ରଖି ପରବର୍ତ୍ତୀ ସମୀକ୍ଷା ବୈଠକ କରିବା ଏହି ପରି ଦାବି ରଖିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ସମୀକ୍ଷା ବୈଠକ ସମ୍ପର୍କରେ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛି ନେତୃସ୍ୱାର୍ଥ ବ୍ୟକ୍ତି ଅସ୍ତରଙ୍ଗ ଅଞ୍ଚଳରେ ଉର୍ଣ୍ଣତି ମୂଳକ କାର୍ଯ୍ୟ ନ କରିବା ପାଇଁ ଏପରି ପରିସ୍ଥିତି ସୃଷ୍ଟି କରୁଛନ୍ତି। ଅସ୍ତରଙ୍ଗ ଡାକ୍ତରଖାନାକୁ ମୋ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି। ଖୁବ ଶୀଘ୍ର ଅସ୍ତରଙ୍ଗର ଝରିଆ ଠାରେ ୮ କୋଟି ଟଙ୍କାର ବ୍ୟୟ ଅଟକଳ ରେ ଏକ ନୂତନ ଡାକ୍ତର ଖାନା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିଆ ଚାଲିଛି। ଅସ୍ତରଙ୍ଗର ସବୁ ଉଚ୍ଚ ବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ନୂତନ ବସ ଷ୍ଟାଣ୍ଡ ପାଇଁ ପ୍ରକ୍ରିୟା ଜାରି ରହିଛି। ଅସ୍ତରଙ୍ଗରେ ଏକ ଅତ୍ୟାଧୁନିକ ଅଡିଟୋରୀୟମ ପାଇଁ ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ବ୍ଲକରେ ମିଳିତ ମଞ୍ଚ ପକ୍ଷରୁ ବହୁ ଅନିୟମିତତା କାର୍ଯ୍ୟ କରାଯାଇଛି ଏହା ସାଧାରଣରେ ପ୍ରକାଶ ପାଇଯିବା ଭୟରେ ଏହି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଘଟଣା ସମୟରେ ଅସ୍ତରଙ୍ଗ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ,କାକଟପୁର ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକଙ୍କ ସମେତ ଦୁଇଟି ଥାନାର ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଭିଡକୁ ନିୟନ୍ତ୍ରଣ କରିବା ସହିତ ମନ୍ତ୍ରିଙ୍କୁ କଡା ସୁରକ୍ଷା ଯୋଗାଇ ଦେଇଥିଲେ।

## କବି ଇପ୍ସିତା ଷଡ଼ଙ୍ଗୀଙ୍କୁ 'ଦାମିନୀ ଆଚାର୍ଯ୍ୟ ସ୍ମୃତି ସମ୍ମାନ'




**ବ୍ରହ୍ମପୁର :** ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ବ୍ରହ୍ମପୁର ସାହିତ୍ୟ ଉତ୍ସବ ଫେବୃୟାରୀ ୨୫ ଓ ୨୬ ତାରିଖରେ ହୋଟେଲ ହିଲ୍ ଟପ୍ ଭିଉ ସଭାକକ୍ଷରେ ଆୟୋଜିତ ହୋଇଯାଇଛି। ବିଶିଷ୍ଟ କବି ସୌଭାଗ୍ୟ କୁମାର ମିଶ୍ର ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ସାହିତ୍ୟିକ ବିପ୍ରଚରଣ ଆଚାର୍ଯ୍ୟଙ୍କ ଦିବଂଗତା ପତ୍ନୀଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ଦାମିନୀ ଆଚାର୍ଯ୍ୟ ସ୍ମୃତି ସମ୍ମାନ' ବିଶିଷ୍ଟ କବି ଇପ୍ସିତା ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ କବି ଗୋପବନ୍ଧୁ ଦାସ, ଯାମିନୀକାନ୍ତ ଦାସ, କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଆଦି ଉପସ୍ଥିତ ଥିଲେ। ଏହାପରେ ନିମନ୍ତ୍ରିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି, ସଂଗଠକ ସୁଶାନ୍ତ କୁମାର ଦାଶ, ଓ ଗାଳ୍ପିକା ଦିପ୍ତୀମିତା ଦାଶ ସଭା ପରିଚାଳନା କରିଥିଲେ।

## ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ କର୍ମଶାଳା



**ମାଲକାନଗିରି :** କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଯୋଗ ଦେଇ ମୁଖ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଭାରତ ସରକାରଙ୍କ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷରେ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏଥିରେ ମୋଟ ଦେଶର ୩୭୨ ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାକୁ ମଧ୍ୟ ଏଥିରେ ସାମିଲ କରଯାଇଛି। ଏହି କର୍ମଶାଳାରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ରୁ ୫୦ ଜଣ ମୁଖ୍ୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଛନ୍ତି। ଏହି ଯୋଜନାରେ ମୁଖ୍ୟ ସ୍ୱେଚ୍ଛାସେବୀ ମାନେ ନିଷିଦ୍ଧ ନିଶ୍ଚେତକ ନିଶା ଦ୍ରବ୍ୟର ଅଭ୍ୟସ୍ତ ବା ଆସକ୍ତ ଜନିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ନଜର ରଖିବେ ଓ ତୃଣମୂଳ ସ୍ତରରେ ନିଶା ନିବାରଣ ନେଇ ସଚେତନତା ସୃଷ୍ଟି କରିବେ। ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ ଏହି କର୍ମଶାଳା ବିଷୟରେ ଆଲୋକପାତ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ର ମନ୍ତ୍ରାଳୟରୁ ରାଜ୍ୟ ସଂଯୋଜକ ପ୍ରଜ୍ଞା ଜୈନ ଏବଂ ଲାଲଖଲେନ୍ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।

## ବିରିଡି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବିରିଡି ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତ ଯୋଗୁ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୯୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୫୨ଟି ଅଭିଯୋଗ ଆସିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଭାବେ ଦୁର୍ନିତି ହୋଇଥିବାରୁ ଯୋଗ୍ୟ ବ୍ୟକ୍ତିମାନେ ଅଯୋଗ୍ୟ ତାଲିକାରେ ରହିଥିବାରୁ ସେଥି ନିମନ୍ତେ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ କରିବାକୁ ପଡୁଛି। ଜମିଜମା ସମ୍ପର୍କିତ ୩ଟି, ରାସନକାର୍ଡ ନିମନ୍ତେ ୫ଟି, ଭତ୍ତା ସମ୍ପର୍କିତ ୨ଟି, ପୋଲିସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥି ମଧ୍ୟରୁ ୧୪ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତ, ତହସିଲଦାର ସହଦେବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗ ଶୁଣାଣି କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ



**କୋଣାର୍କ :** କୋଣାର୍କ ସ୍ଥିତ ଯାତ୍ରୀନିବାସର ବାଙ୍କୁଏଟ ହଲ ପରିସରରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ସେବା ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ପୁରୀଙ୍କ ସହଯୋଗରେ ଅଗ୍ରଣୀ ସାମାଜିକ ସଂଗଠନ ବସନ୍ତ ମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ମଞ୍ଜରୀ ପାଠାଗାରର ସଭାପତି ତଥା ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସାମାଜିକ ସଂଗଠନ ପ୍ରେରଣାର ପ୍ରତିଷ୍ଠାତା ତଥା ଗ୍ରୀନ୍ ଆର୍ମିର କମାଇଣ୍ଡର ଡ. ଦୀଲ୍ଲିପ୍ ଶ୍ରୀଚନ୍ଦନ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ର ନାଥ ବାହିନୀପତି, ନମସ୍କାର ରେଡିଓର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏନଶାହା ଅନସାରୀ, ପ୍ରାକ୍ତନ ପ୍ରାଧାପକ ସୁଶାନ୍ତ ମହାନ୍ତି, ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ସିନେତାରକା ନମ୍ରତା ସିଂଦେଓ, ଚମ୍ପାହର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ରାଜ୍ୟ ଗୋଷ୍ଠୀ ବେତାର ମହାସଂଘର ସଭାପତି ଏସ୍.ଏ.ସଫିକ୍, ଲେଫ୍ଟେନାଣ୍ଟ ବିନୟଭୂଷଣ ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଯୁବ ସମାଜ ସ୍ୱାମୀ ବିବେକାନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ନେତୃ ନେବାର ଦକ୍ଷତା, ସୁସ୍ଥ ଓ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବ୍ୟକ୍ତି ବିଶେଷ, ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନ ମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଏହି ଯୁବ ସଂସଦୀୟ କାର୍ଯ୍ୟକ୍ରମରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନିର କ୍ୟାଡେଟ, ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ଆର୍ତ୍ତ ତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ମହିଳା ସଂଗଠନ, ସ୍ୱଚ୍ଛସାଥି, ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥାଲ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ତଥା ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମାଜସେବୀ ନିରଞ୍ଜନ ତ୍ରିପାଠୀ, କାହ୍ନୁଚରଣ ପାତ୍ର, ଶିବାଷିଶ ଦାଶ, ସତ୍ୟଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାହାର ଟିକେଟ୍ ...

ନିଜର ରଣନୀତିକୁ ଚୂଡ଼ାନ୍ତ କରିବ ବୋଲି ସୂଚନା ମିଳିଛି। ଆଗାମୀ ନିର୍ବାଚନରେ କାହାର ଟିକେଟ୍ କଟିବ ଓ କିଏ ରହିବ ତଥା ଏବେ ସ୍ଥାନୀୟ ଲୋକେ ସେମାନଙ୍କ ସମ୍ପର୍କରେ କି ମତାମତ ଦେଉଛନ୍ତି ତାକୁ ନେଇ ବିଜେଡି ବିଧାୟକମାନଙ୍କ ମନରେ ଛନକା ପଶିଛି। ଆସନ୍ତା ଜୁନ୍ ପ୍ରଥମ ସପ୍ତାହରେ ଏହି ସର୍ଭେ ଟିମ୍ ନିଜର ରିପୋର୍ଟ ଦାଖଲ କରିବାର ସମ୍ଭାବନା ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟରେ ସାଧାରଣ ନିର୍ବାଚନ ୨୦୨୪ ଫେବୃୟାରୀ ମାସରେ ହେବାର ସମ୍ଭାବନା ଥିଲେ ମଧ୍ୟ କ୍ଷମତାସୀନ ବିଜେଡି ନିର୍ବାଚନ ପାଇଁ ଆଗୁଆ ପ୍ରସ୍ତୁତିକୁ ଜୋରଦାର କରିଛି। ଦଳ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସହ କର୍ମୀଙ୍କ ମନୋବଳ ବୃଦ୍ଧି ନିମନ୍ତେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ଗସ୍ତର ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗଠନକୁ କ୍ରିୟାଶୀଳ ନିମନ୍ତେ ଲକ୍ଷ୍ୟ ରଖିଛି। ତେବେ ବିଜେଡି ସଂଗଠନରେ ତୀବ୍ର ଅସନ୍ତୋଷ ଓ ଅନ୍ତଃକନ୍ଦଳ, ସାଂଗଠନିକ ଜିଲ୍ଲାଗୁଡ଼ିକରେ ସମାନ୍ତରାଳ ନେତୃତ୍ୱ, ଜଣେ ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ଦଳ ଓ ସଂଗଠନ ପରିଚାଳିତ ହେବା, ତୃଣମୂଳସ୍ତରରେ 'ପିସି' କାରବାର ଓ ବିପର୍ଯ୍ୟୟ ଆଇନଶୃଙ୍ଖଳା ଚରମସୀମାରେ ପହଞ୍ଚିବା,ସାଧାରଣ ଲୋକଙ୍କ ମଧ୍ୟରେ ସରକାରବିରୋଧୀ ଅସନ୍ତୋଷ ଏବେ ବିଜେଡି ନେତୃତ୍ୱଙ୍କୁ ଅଡୁଆରେ ପକାଉଥିବାବେଳେ ଆମ୍ ଆଦମୀ ପାର୍ଟି ଓ ଭାରତ ରାଷ୍ଟ୍ର ସମିତି(ବିଆରଏସ)ର ପ୍ରବେଶ ମଧ୍ୟ ବିଜେଡି ପାଇଁ ଚିନ୍ତାର କାରଣ ପାଲଟିଛି। ଏପଟେ ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ବିଜେପି ନିଜର ଆଭିମୁଖ୍ୟକୁ ଅଧିକ ଆକ୍ରମଣାତ୍ମକ କରି ନିଜ କର୍ମୀଙ୍କ ମନରେ ଉତ୍ସାହ ବୃଦ୍ଧି କରିବାରେ ଲାଗିଛି। କଂଗ୍ରେସ ବି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବାକୁ ରଣନୀତି କରିଛି। ଆଉ ଏସବୁ କାରଣ ଦଳ ପାଇଁ ଚିନ୍ତାର ବିଷୟ ହୋଇଥିବାବେଳେ ଆଗାମୀ ନିର୍ବାଚନୀ ବୈତରଣୀ ପାର ହେବା ନିମନ୍ତେ ପ୍ରଥମ ପର୍ଯ୍ୟାୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

### ଅପପ୍ରଚାର ...

ଲଦାଖ ସବୁବେଳେ ଭାରତର ଥିଲା, ଅଛି ଓ ରହିବ। ପାକିସ୍ତାନ ବେଆଇନ ଭାବେ ଭାରତୀୟ ଅଞ୍ଚଳକୁ ଦଖଲ କରିଛି। ଓଆଇସି ନିଜର ସଦସ୍ୟ ରାଷ୍ଟ୍ର ପାକିସ୍ତାନକୁ ଆତଙ୍କବାଦ ପନ୍ଥା ଛାଡ଼ି ଭାରତୀୟ ଅଞ୍ଚଳକୁ ଖାଲି କରିବା ପାଇଁ କହିବା ପରିବର୍ତ୍ତେ, ନିଜର ଗୁରୁତ୍ୱପୂର୍ଣ୍ଣ ମଞ୍ଚକୁ ପାକିସ୍ତାନର ଭାରତ ବିରୋଧୀ ଅପପ୍ରଚାର ବିରୋଧରେ ବ୍ୟବହାର କରିବାକୁ ଅନୁମତି ଦେଉଛି। ପାକିସ୍ତାନ ସବୁବେଳେ ଆତଙ୍କବାଦ ଓ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇ ଆସିଛି। ହାଫିଜ ସୟିଦ ଓ ମାସୁଦ ଆଝାର ଭଳି ଆତଙ୍କବାଦୀ ବର୍ଷବର୍ଷ ଧରି ପାକିସ୍ତାନରେ ବେଶ ଆରାମରେ ବୁଲୁଛନ୍ତି। କୁଖ୍ୟାତ ଆତଙ୍କୀ ଓସାମା ବିନ ଲାଡେନ ପାକିସ୍ତାନ ଆର୍ମିର ଡିଫେନ୍ସ କଲୋନୀରେ ରହୁଥିଲା। ଗୁରୁବାର ପାକିସ୍ତାନ ପକ୍ଷରୁ ହିନା ମିଳିତ ଜାତିସଂଘର ମାନବାଧିକାର ପରିଷଦରେ ନିଜର ପକ୍ଷ ରଖି କାଶ୍ମୀରରେ ଭାରତ ସରକାର ମାନାବାଧିକାର ଉଲ୍ଲଙ୍ଘନ କରୁଥିବା କଥା କହିଥିଲେ।

### ଜିଲ୍ଲାରେ କୂଳ ...

ଦଳୀୟ ନେତାମାନଙ୍କ ମାନସ ମନ୍ଥନ ବି କାମ କରିନପାରେ ବୋଲି ଆଲୋଚନା ଆରମ୍ଭ ହେଲାଣି। ଜିଲ୍ଲାର ଚାରିଗୋଟି ନିର୍ବାଚନ ମଣ୍ଡଳୀକୁ ବିଜେଡି ହାତେଇ ନେଇଥିଲେ ବି ଆଗାମୀ ନିର୍ବାଚନ ବେଳକୁ ଦଳ ରୂପରେଖ କେଉଁ ଆଡକୁ ଗତି କରିବ ତାହା ବୁଝାପଡୁନାହିଁ। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ବାବଦରେ ଯେଉଁ ସବୁ ଅଘଟଣ ଘଟିଯାଇଛି ସେଥିରେ ଅଜାତଶତ୍ରୁ କିଏ ହେବ ସେ ନେଇ ସନ୍ଦେହ ଉପୁଜିଲାଣି। ତିର୍ତ୍ତୋଲ ବିଧାୟକଙ୍କ ବିରୋଧୀମାନଙ୍କୁ କରାୟତ କରିବାକୁ ବର୍ତ୍ତମାନର ସାଂସଦ ଏକପ୍ରକାର କସରତା ଆରମ୍ଭ କରିଥିଲେ ବି ଦଳ ସୁପ୍ରିମୋଙ୍କ ଭୟରେ ସେ ପାଟି ଖୋଲି ପାରୁନାହାଁନ୍ତି। ଦଳୀୟ ଅସନ୍ତୋଷକୁ ଦେଖି କଂଗ୍ରେସର ନେତା ଓ କର୍ମୀ ଏବେ ବିଜେଡି ମୁହାଁ ହେବାକୁ ବସିଲେଣି। ଏହି ନେତା ବା କର୍ମୀ ଶାସକ ଦଳର ବିରୋଧୀ ହେବାରୁ ସେ ଉଠି ପାରୁନାହାଁନ୍ତି, ତେଣୁ ବିଜେଡିକୁ ଯାଇ ନିଜର ଫାଇଦା ଉଠେଇବା ଚକରରେ ଥିବା ଏକପ୍ରକାର ଜଣାପଡିଲାଣି। ତାଙ୍କ ଆଗ ଧାଡିର ନେତା ତଥା ଜଗତସିଂହପୁର ପୂର୍ବତନ ବିଧାୟକ କଂଗ୍ରେସ ଦଳ ଛାଡି ବିଜେଡିକୁ ଆସୁଥିବାର ଯୋଜନା ଏକପ୍ରକାର ନିଶ୍ଚିତ ହୋଇଗଲାପରି ଲାଗୁଛି। ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ବିଜେଡିରେ ଥିବା ଗୋଷ୍ଠୀକନ୍ଦଳ ଚପାଇ ଦେବାକୁ ବିଜେଡିର କିଛି ରାଜନୈତିକ ପର୍ଯ୍ୟବେକ୍ଷକ ଏନେଇ ଗୁପ୍ତ ମନ୍ତ୍ରଣା ଆରମ୍ଭ କଲେଣି। ଏଠାରେ କଂଗ୍ରେସ ନେତାଙ୍କୁ ନେଇ ଆସି ବିଜେଡି ଗୋଷ୍ଠୀ କନ୍ଦଳରେ ଏକ ପୂର୍ଣ୍ଣଚ୍ଛେଦ ପଡିଯିବା ସହିତ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଥିବା ଅସନ୍ତୋଷରେ ବି ପୂର୍ଣ୍ଣଚ୍ଛେଦ ପଡିଯାଇପାରେ। କଂଗ୍ରେସ କର୍ମୀ ବିଜେଡିକୁ ଆସୁଥିବାରୁ ସେ ତାଙ୍କ ପାରିବା ପଣିଆ ଦେଖାଇ ବିଜେଡି ଦଳର ହୁଇପକୁ ମାନି କାମ କରିବାକୁ ବାଧ୍ୟ ହେବେ। ଫଳରେ ଜଗତସିଂହପୁର ମୁଖ୍ୟ ଆସନଟିରେ ଜିତିବା ପାଇଁ କଂଗ୍ରେସ ନେତା ମାନେ ଏକପ୍ରକାର ଉଦ୍ୟମ କରିବେ ଓ ବିଜେଡି ଅସନ୍ତୋଷ ଗୋଷ୍ଠୀ ଲଢେଇର ଜବନିକା ପଡିଯିବ। ଏଦିଗରେ ବିଜେଡି ଦଳ ସୁପ୍ରିମୋ କିଭଳି ଭାବରେ ଏସମସ୍ତ ଅସନ୍ତୋଷକୁ ପ୍ରସମ୍ମିତ କରୁଛନ୍ତି ତାହା ଉପରେ ନଜର ରଖିବାକୁ ରାଜନୈତିକ ସମୀକ୍ଷକ ମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

### ଯକୃତଜନିତ ...

ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ଏପରି ଅଭିନବ କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ମାଧ୍ୟମରେ ସ୍ୱାସ୍ଥ୍ୟସେବାର ବିଭିନ୍ନ ସ୍ତରରେ ରୋଗୀ ସେବାରେ ଉନ୍ନତି ଏବଂ ଗ୍ୟାଷ୍ଟ୍ରିକ୍ ସମସ୍ୟାଜନିତ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତି ପରିଚାଳନା ପାଇଁ ଯୁବଚିକିତ୍ସକ, ସର୍ଜନ ତଥା ମେଡିକାଲ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା ପ୍ରାଥମିକ ଲକ୍ଷ୍ୟ ବୋଲି ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ତଥା ସମ୍ମିଳନୀ ଆୟୋଜକ କମିଟିର ଅଧ୍ୟକ୍ଷ ଡ. ମାନସ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱର, ଏସସିବି ମେଡିକାଲ କଲେଜ, କଟକ ଭଳି ସ୍ୱାସ୍ଥ୍ୟପ୍ରତିଷ୍ଠାନରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଚିକିତ୍ସାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଚିକିତ୍ସକ, ସର୍ଜନ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଏବଂ ଅନ୍ୟାନ୍ୟ ବିଶେଷଜ୍ଞ ଡାକ୍ତର ତଥା ଡାକ୍ତରୀ ଛାତ୍ରଛାତ୍ରୀମାନେ ନୂତନ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟାଇନ୍ଜନିତ ସମସ୍ୟା ସମ୍ପର୍କରେ ସଚେତନ ହେବା ନିହାତି ଆବଶ୍ୟକ। ଦୀର୍ଘକାଳୀନ ଯକୃତ ରୋଗରେ ଆକ୍ରାନ୍ତ ରୋଗୀମାନେ କୋମା, ନିଶ୍ୱାସ ନେବାରେ ଗମ୍ଭୀର ସମସ୍ୟା ଏବଂ ଗଭୀର ରକ୍ତସ୍ରାବ ଭଳି ବିଭିନ୍ନ ସମସ୍ୟାରର ସମ୍ମୁଖୀନ ହେଉଛନ୍ତି। ସେହିପରି ରକ୍ତବାନ୍ତି, କଳା ଝାଡ଼ା ଏବଂ ଝାଡ଼ାରେ ରକ୍ତ ପଡ଼ିବା ଭଳି ସମସ୍ୟା ମଧ୍ୟ ସାଧାରଣଲୋକଙ୍କୁ ଦ୍ୱନ୍ଦ୍ୱପୂର୍ଣ୍ଣ ପରିସ୍ଥିତିରେ ପକାଇଥାଏ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜିରେ ବିଶେଷଜ୍ଞମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକ ସମ୍ପର୍କରେ ସମ୍ବେଦନଶୀଳତା ସୃଷ୍ଟି ସହିତ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର ପ୍ରେସିଡେଣ୍ଟ୍ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ ଡ. ପି ଆର ମହାପାତ୍ର, ଡ. ବିନୋଦ କୁମାର ପାତ୍ର, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ଏସ୍ ସି ସାମଲ, ଡ. ମାନସ କୁମାର ପାଣିଗ୍ରାହୀ, ଆଇଜିକେସି ହସ୍ପିଟାଲ୍ ଏମ୍‌ଡି ତଥା ସମ୍ମିଳନୀ ଆୟୋଜନ କମିଟିର ସହ-ଅଧ୍ୟକ୍ଷ ଡ. ପି ସି ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏପରି ସମ୍ମିଳନୀ ଆୟୋଜନକୁ ନେଇ ଅଭିନନ୍ଦନ ଜଣାଇବା ସହିତ ନୂତନ ଭାବେ ସାମ୍ନାକୁ ଆସୁଥିବା ବିଭିନ୍ନ ଗ୍ୟାଷ୍ଟ୍ରିକ୍ଜନିତ ସମସ୍ୟାର ସମାଧାନ ନେଇ ଚିକିତ୍ସକମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିବବୋଲି ମତ ଦେଇଛନ୍ତି।

### କ୍ରାଇମବ୍ରାଞ୍ଚର ...

କ୍ରାଇମବ୍ରାଞ୍ଚ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ସେମାନେ ଗୋପାଳଙ୍କ ପୁଲିସ୍ ରିମାଣ୍ଡ ମାଗୁ ନାହାନ୍ତି। ବିଶେଷଜ୍ଞ ଟିମ୍ ଗୋପାଳଙ୍କ ମାନସିକ ସ୍ଥିତିକୁ ବିସ୍ତାରିତ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଥିବାରୁ ସେମାନେ ଏହି ଆବେଦନ କରିଥିବା କୋର୍ଟଙ୍କୁ କହିଥିଲେ। ଆମର ଯୁକ୍ତି ଥିଲା ପୁଲିସ୍‌କୁ ଜିମା ଦେବା ଅର୍ଥ ଏହା ପୁଲିସ୍ ରିମାଣ୍ଡ। ନିୟମ ଅନୁଯାୟୀ ଆଉ ପୁଲିସ୍ ରିମାଣ୍ଡ ଦିଆଯାଇପାରିବ ନାହିଁ ବୋଲି ଆମେ କହିଥିଲୁ। ଆମେ ଆହୁରି ଯୁକ୍ତି କରିଥିଲୁ ଯେ ଏକ ୪ ଜଣିଆ ବିଶେଷଜ୍ଞ ଟିମ୍ ଗୋପାଳଙ୍କ ମାନସିକ ଅବସ୍ଥା ଯାଞ୍ଚ କରିଛନ୍ତି ଓ ସେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି। ତା'ହେଲେ ପୁଣି ଥରେ କ'ଣ ପାଇଁ ତାଙ୍କର ମାନସିକ ସ୍ଥିତି ଯାଞ୍ଚ କରିବା ପାଇଁ କୁହାଯାଉଛି। ଗୋପାଳଙ୍କୁ ଗୁଜରାଟ ନେଇ ତାଙ୍କର ପଲିଗ୍ରାଫ ଓ ନାର୍କୋ ଟେଷ୍ଟ କରାଯାଇଛି। ଏସବୁ ପରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କ ମାନସିକ ସ୍ଥିତି ପୁଣି ଥରେ ଯାଞ୍ଚ କରିବାକୁ ଏତେ ବ୍ୟଗ୍ର ଥିବାରୁ ଏହି ତଦନ୍ତକାରୀ ସଂସ୍ଥାର ଉଦ୍ଦେଶ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଝାରସୁଗୁଡ଼ାର ବରିଷ୍ଠ ଆଇନଜୀବୀ ଦୀନେଶ ଜୈନ କହିଛନ୍ତି, ମୋର ମନେହେଉଛି ଏ ପୂରା ପ୍ରକ୍ରିୟା ଅଭିଯୁକ୍ତ ଗୋପାଳ ଦାସଙ୍କୁ ସାହାଯ୍ୟ କରିବା ପାଇଁ କରାଯାଉଛି। ଗୋପାଳ ଦାସଙ୍କୁ କେମିତି ସଜା ମିଳିବ ସରକାରୀ ଓକିଲ ସେ ଦିଗରେ କାର୍ଯ୍ୟ କରୁ ନାହାନ୍ତି। ଓଲଟି ଭବିଷ୍ୟତରେ ଗୋପାଳ ଦାସ କେମିତି ଏହି ମାମଲାରୁ ଖସି ଯିବେ ସେ ଦିଗରେ କାର୍ଯ୍ୟ କରାଯାଉଛି। ଯେଉଁ ପ୍ରମାଣ କ୍ରାଇମବ୍ରାଞ୍ଚ ପାଇଁ ଆଦୌ ଦରକାର ନାହିଁ, ସେହି ପ୍ରମାଣ ପାଇବା ପାଇଁ ଏହି ତଦନ୍ତକାରୀ ସଂସ୍ଥା କାହିଁକି ଏତେ ବ୍ୟଗ୍ର ? ସୂଚନାଯୋଗ୍ୟ, ନବ ଦାସଙ୍କୁ ହତ୍ୟା କରାଯିବାର ଏକ ମାସରୁ ଅଧିକ ଦିନ ବିତି ଯାଇଥିଲେ ଏହା ପଛର ରହସ୍ୟ ଏଯାଏ ଖୋଲିନି। ଗୋପାଳ ଦାସ କାହିଁକି ତାଙ୍କୁ ମାରିଲେ, ତାହା ଏଯାବତ ଜଣାପଡ଼ିନାହିଁ।

### ବିଜେଡିର ସମୟ ...

ଅରାଜକତା କରି ଦୋଷ ବିଜେପି ଉପରେ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆନ୍ଦୋଳନରେ ସାମିଲ ହୋଇନଥିବା ଯୁବକଙ୍କୁ ମଧ୍ୟ ପୁଲିସ ଗିରଫ କରିବା କ୍ଷୋଭର ବିଷୟ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେଡି ସରକାର ବିଭିନ୍ନ ଉପାୟରେ ହଇରାଣ କରି ତାଙ୍କୁ ଚପାଇ ଦେବାକୁ ପ୍ରୟାସ ଜାରି ରଖିଛନ୍ତି। ଚକ୍ରାନ୍ତ କରି ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଉଛି। ବର୍ଷ ବର୍ଷ ପରେ ତାଙ୍କ ବିରୁଦ୍ଧରେ ଥିବା ମାମଲାର ଚାର୍ଜସିଟ୍ ଦିଆଯାଉନି। ସତ୍ୟକୁ ଲୋକଙ୍କ ସାମ୍ନାରେ ଆଣିବାର ସାହସ ରଖୁଛି। ଦେଶର ନ୍ୟାୟ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ଆସ୍ଥା ରହିଛି ଏବଂ ଅଦାଲତରେ ସତ୍ୟର ପର୍ଦ୍ଦାଫାସ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ମିଶ୍ରଙ୍କ ସହ ବିଜେପି ବିଧାୟକ ମୋହନ ମାଝୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନବଚରଣ ମାଝୀ ଓ ସୁରଜ ସୂର୍ଯ୍ୟବଂଶୀ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ରାଜେନ୍ଦ୍ର ପଣ୍ଡା, ପବିତ୍ର ଦାଶ, ଓମପ୍ରକାଶ ମିଶ୍ର ଓ ସିର୍ଦ୍ଧାଥ ପତି ପ୍ରମୁଖ ଝାରପଡ଼ା ଜେଲକୁ ଯାଇଥିଲେ।

### ମା'ମାନେ କାହାଠାରୁ ...

ଇନୋଭେସନ ଓ ଟେକ୍ନୋଲୋଜିର ଅଧିକରୁ ଅଧିକ ପ୍ରୟୋଗ କରି ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରିବା ସହିତ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଦିଗରେ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗଦର୍ଶନରେ ମହିଳା ଓ ଶିଶୁବିକାଶ ବିଭାଗ ମହିଳା ମାନଙ୍କ ସଶକ୍ତିକରଣ ଓ ଅଧିକାରର ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଛି। ମହିଳାମାନେ ଆଜି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସଶକ୍ତ ହୋଇପାରିଛନ୍ତି ଓ ସେମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁବିକାଶ ବିଭାଗର ଯୁବ ମାସ୍କଟ 'କୁନି'ର ଶୁଭାରମ୍ଭ କରିଥିଲେ। ଏହି ମାସ୍କଟ କିଶୋର କିଶୋରୀମାନଙ୍କୁ ଶିକ୍ଷା, ଅଧିକାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସଚେତନ କରିବା ପାଇଁ କାର୍ଯ୍ୟ କରିବ। ଏହାସହିତ ରାଜ୍ୟର ନୂଆ ଶିଶୁ ନୀତି 'ପ୍ରାରମ୍ଭ' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହାସହିତ ଆଶୀର୍ବାଦ ଯୋଜନାର ଏମ୍ ଆଇଏସ୍ ପୋର୍ଟାଲ୍ ଏବଂ ୱାନ୍ ଷ୍ଟପ୍ ସେଣ୍ଟର ଓ ମହିଳା ହେଲ୍ପ ଲାଇନରେ ସଫଳ ମହିଳାଙ୍କ କାହାଣୀ ଉପରେ ଏକ କେସ୍ ଷ୍ଟଡି ବୁକଲେଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଜାନକୀ ବିଶ୍ୱାଳ ଏବଂ ବି.ଏମ.ସି ଅଙ୍ଗନବାଡ଼ି କର୍ମୀ ଆରତୀ ସାହୁ ପ୍ରମୁଖ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଯୋଗୁ ଆଜି ନାରୀମାନେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ହୋଇ ସ୍ୱାଧୀନ ଭାବରେ କାମ କରିପାରୁଛନ୍ତି। କୋଭିଡ ସମୟରେ ମାସ୍କ ଓ ଜାତୀୟ ପତାକା ତିଆରି କରି ଆମେ ଦକ୍ଷତା ଦେଖାଇ ପାରିଥିଲୁ। ବର୍ତ୍ତମାନ ଆମର ଆଉ ପଛକୁ ଚାହିଁବାର ପ୍ରଶ୍ନ ନାହିଁ। ଆମେ ଏଥର ଆଗକୁ ବଢ଼ିବୁ। ମହିଳା ଓ ଶିଶୁବିଭାଗର କମିଶନର-ତଥା-ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର-ତଥା- ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜ୍ୟସ୍ତରୀୟ ଅଧିକାରୀ, ସମାଜ ସଂଗଠନ ନାଗରିକ, କର୍ପୋରେଟ୍ ଅନୁଷ୍ଠାନର ପ୍ରତିନିଧି -ତଥା-ଜିଲ୍ଲାସ୍ତରୀୟ ଓ ତୃଣମୂଳ ସ୍ତରର ଜିଲ୍ଲାସ୍ତରୀୟ କର୍ମଚାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ(ଡିଏସଡବ୍ଲ୍ୟୁଓ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ),କିଶୋର ଓ କିଶୋରୀ ମାନେ ଯୋଗ ଦେଇଥିଲେ। ଏବଂ ଅନ୍ୟାନ୍ୟ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଷୟବସ୍ତୁ ଓ ରାଜ୍ୟସାରା ସପ୍ତାହବ୍ୟାପୀ ଉତ୍ସବ ପାଳନ କରାଯିବ ଏବଂ ରାଜ୍ୟର ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପଦକ୍ଷେପ ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ୩ ଜଣ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ, ଶ୍ରେଷ୍ଠ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଶ୍ରେଷ୍ଠ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ରୂପାନ୍ତରଣ ...

ବିଭିନ୍ନ ସମସ୍ୟା ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା କରିଥିଲେ। ପରେ ବେଲଗଡିଆ ସ୍ଥିତ ଘୋଡାଶାଳ ବନ୍ଧର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କରି ବାରିପଦା ଷ୍ଟାଡିୟମ ଷ୍ଟାଡିୟମ ବୁଲିବା ସହ ଦୁଇଟି ଜିମ୍ ବୁଲି କ୍ରୀଡା ଛାତ୍ରାବାସରେ ପହଞ୍ଚିଥିଲେ। ଛାତ୍ରାବାସରେ ଅନ୍ତେବାସୀଙ୍କ ସହ ଆଲୋଚନା କରି ତାଙ୍କ ସହିତ ସକାଳ ଜଳଖିଆ ଖାଇଥିଲେ। ଏହା ପରେ ପାଲବଣିସ୍ଥିତ ବନବିଭାଗ ଡାକ ବଙ୍ଗଳାରେ ପହଞ୍ଚି ଉପସ୍ଥିତ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ଆଞ୍ଚଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରୁ ବାହାରି ଶାମାଖୁଣ୍ଟା ବ୍ଲକର ବାଲଡିହା ଡ୍ୟାମ ପରିଦର୍ଶନ କରି ପର୍ଯ୍ୟଟକମାନଙ୍କ ନିମନ୍ତେ ବୋଟିଂ ଓ ରହିବା ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ବହୁ ପ୍ରତିକ୍ଷିତ ବୁଢାବଳଙ୍ଗ ନଦୀର ମଧୁବନ ରିଂ-ରୋଡ ଓ ଆଡିବନ୍ଧ ଏବଂ ଶୁକଯୋଡା, ଜରାଳୀ ଓ ସରାଳୀ ନଦୀରେ ଆଡିବନ୍ଧ ସମ୍ପର୍କରେ ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀଙ୍କ ସହ ସମୀକ୍ଷା କରିଥିଲେ। ସେଠାରୁ ଆସି ୫-ଟି ରୂପାନ୍ତରିତ ବାରିପଦା ସ୍ଥିତ ଏମକେସି ଉଚ୍ଚ ବିଦ୍ୟାଳୟ ପହଂଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ବିଜ୍ଞାନ ଲେବରୋଟାରୀ, ଖେଳ ସାମଗ୍ରୀ ଓ ପାଠାଗାର ବୁଲିଥିଲେ। ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲ ର ନିର୍ମାଣାଧୀନ ନୂତନ କୋଠା ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପିତ, ପିଆରଏମର ସୁପରିଟେଣ୍ଡ, ସିଡିଏମଓ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି ପାଲବଣି ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ବାସଭବନକୁ ଯାଇ ପରିଦର୍ଶନ ପରେ ବଡଯୋଡ ପଞ୍ଚାୟତର ଗୁହାଳଡିହୀ ଗ୍ରାମକୁ ଯାଇ ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଉତ୍ପାଦକ ଏସଏଚଜି ମହିଳା ଗୋଷ୍ଠୀଙ୍କୁ ଭେଟିବା ପରେ ବଡ଼ସାହି ବ୍ଲକ ମାଣତ୍ରୀ ଶୈବପୀଠକୁ ପହଞ୍ଚି ଦିଅଁ ଦର୍ଶନ କରିଥିଲେ। ୬୫୦ବର୍ଷର ଐତିହ୍ୟ ବହନ କରୁଥିବା ପ୍ରାଚୀନ ପୀଠର ଉନ୍ନତି କରଣ ନିମନ୍ତେ ପ୍ରୟାସ କରାଯିବ ବୋଲି କହିଥିଲେ। ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଗନ୍ତାଘର ଭରପୁର ରହିଛି। ୫-ଟି ସଚିବଙ୍କ ଗସ୍ତ ପରେ ଅନେକ ଆଶା ଓ ସମ୍ଭାବନାକୁ ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଗସ୍ତ ସ୍ଥାନରେ ଯୋଜନାବଦ୍ଧ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା।

# ଫଗୁ ଫୁଆର



ଅନୁପମା ଭୂୟାଁ

ଫୁଲଭରା ଫଗୁଣରେ ଚାରିଆଡ଼େ ଯେତେବେଳେ ରଙ୍ଗୀନ ଦିଶେ, ହେମାଳରୁ ବାହାରି ମନଟିକେ କଡ଼ ଲେଉଟାଏ, ସେତିକିବେଳେ ଜୀବନକୁ ଆହୁରି ରଙ୍ଗମୟ କରିଦେବା ଲାଗି ଇନ୍ଦ୍ରଧନୁ ରଙ୍ଗନେଇ ଆସେ ହୋଲି - ସବୁ ପର୍ବଠୁ ଏକଦମ୍ ନିଆରା। ପ୍ରକୃତିର ନିରୋଳା ସ୍ପର୍ଶରେ ଶିହରିତ ଇେ ପର୍ବଟି। କୌଣସି ଦ୍ୱନ୍ଦ୍ୱ ନାହିଁ, କାମନା ପୂରଣର ଆତୁରତା ବି ନାହିଁ। କେବଳ ଖୁସି, ଉଲ୍ଲାସ। ଜୀବନକୁ ରଙ୍ଗରେ ଭରିଦେବାର ଏକ ନିଛକ ପ୍ରୟାସ। ବସନ୍ତର ପରିବେଶ ଯେତେବେଳେ ପେମମୟ କରିଥାଏ ପ୍ରକୃତିକୁ ହୋଲିର ହିଲ୍ଲୋଳ ପ୍ରତି ପ୍ରାଣରେ ଜାଗୃତ କରେ ପ୍ରୀତିର ଝଙ୍କାର। ଶୀତରେ କୁଙ୍କୁରି କାଙ୍କୁରି ହୋଇ ଶୋଇଥିବା ମନକୁ ଟାଣିଆଣି ଫିଙ୍ଗିଦିନଏ ଫଗୁଣର ଫୁଲଗଦାରେ। ପ୍ରିୟତମ କୃଷ୍ଣଙ୍କ ସହ ରାଧାରାଣୀଙ୍କୁ ସଜାଇବା ବେଳେ ପ୍ରେମିକ ବି ବିଭୋର ହୁଏ ପ୍ରୀତିର ବାସ୍ନାରେ। ମାର୍କସ ଠିକ୍ ଚିହ୍ନି ଥିଲେ, ପଦାର୍ଥରୁ ହିଁ ଚେତନାର ସୃଷ୍ଟି। ତେବେ ପଦାର୍ଥଟି ଅଚେତନ କିପରି ହୋଇପାରେ? ପ୍ରକୃତିର ଏହି ସଚେତନତା ସାଥୀରେ ନେଇଆସେ ବସନ୍ତ।

ଅନ୍ୟ ସମସ୍ତ ଋତୁରେ କିଛି ନା କିଛି ଦ୍ୱନ୍ଦ୍ୱ ରହିପାରେ। ଖରା, ବର୍ଷା, ଶୀତ-ପ୍ରାଣୀଜଗତ ତିଷ୍ଠି ରହିବା ଲାଗି ସମସ୍ତେ ଆବଶ୍ୟକ। ହେଲେ ଏହି ଋତୁମାନଙ୍କର ଅତିରିକ୍ତତା। କ୍ଷତିକାରକ ହୋଇଥାଏ। ପ୍ରଚଣ୍ଡ ଖରା ଯେମିତି ଜୀବନ ପ୍ରତି କ୍ଷତିକାରକ ସେମିତି ପ୍ରବଳ ବର୍ଷା ଏବଂ ଶୀ ମଧ୍ୟ ସୃଷ୍ଟି ପାଇଁ ବିପଦ। ତେବେ ବସନ୍ତର



ଅତିରିକ୍ତତା ହିଁ ନଥାଏ। କାରଣ, ଏହା ଉତ୍କୃଷ୍ଟ ମାସ ଏବଂ ଉତ୍କର୍ଷର ଉତ୍କର୍ଷ ବା କ'ଣ ହୋଇପାରେ। ଭଗବାନ ଶ୍ରୀକୃଷ୍ଣ ଗୀତାରେ ନିଜ ସ୍ୱରୂପ ବର୍ଣ୍ଣନାରେ କହିଛନ୍ତି ଯେ ସେ ଋତୁନାଂ କୁସୁମାକର ଅର୍ଥାତ୍ ଋତୁମାନଙ୍କ ମଧ୍ୟରେ ବସନ୍ତ। ଯିଏ ଈଶ୍ୱରୀୟ ସ୍ୱରୂପ, ତା'ଠାରୁ ଆଉ ସୌନ୍ଦର୍ଯ୍ୟ କେଉଁଠି ବା ରହିଛି। ଏହି ଋତୁଟି ପାଇଁ ପୁରା ବର୍ଷ ପ୍ରସ୍ତୁତି ଚାଲିଥାଏ ପ୍ରକୃତି। ଯେମିତି ଯୌବନକୁ ଆଣିବା ଲାଗି ଷୋହଳ ବର୍ଷ ପର୍ଯ୍ୟନ୍ତ ମାନବୀୟ ଶରୀର ସାଧନା କରୁଥାଏ, ମା' ନଅ ମାସ କାଳ ବିଭିନ୍ନ ଗର୍ଭର ପର୍ଯ୍ୟାୟ ଅତିକ୍ରମ କରିବା ପରେ ନବାଗତଟିଏ ଭୂମିସ୍ପର୍ଶ କରେ ଏବଂ ଉଲ୍ଲାସ ଭରିଦିଏ। ବସନ୍ତ ପ୍ରକୃତିର ଯୌବନ ଏବଂ ରଚନାତ୍ମକତା ଚରମ ପର୍ଯ୍ୟାୟ। ଷୋଳକଳାରେ ସଜେଇ ହୁଏ ପ୍ରକୃତି। ମଣିଷ ସମେତ ପୁରା ପ୍ରାଣୀଜଗତ ପାଇଁ ଅନୁକୂଳ ଏହି ଋତୁ। ରଙ୍ଗର ଋତୁ ବସନ୍ତ। ଆଶା ଏବଂ ସିଦ୍ଧିର ସୁନ୍ଦର ସଂଯୋଗ, କଳ୍ପନା ଓ ବାସ୍ତବିକତାର ସୁଭଗ ସମନ୍ୱୟ। ନିରାଶା ଉପରେ ଆଶା ଏବଂ ଅମଙ୍ଗଳ ଉପରେ ମଙ୍ଗଳର ବିଜୟ। ରଙ୍ଗ ସତ୍ୟ, ରଙ୍ଗ ହିଁ ଆନନ୍ଦ, ରଙ୍ଗ ସୌନ୍ଦର୍ଯ୍ୟ। ରଙ୍ଗ ପ୍ରତି ବିମୁଖତା ଅନ୍ଧକାର ନିଶ୍ଚୟ। ଦେବଦେବ ମହାଦେବ ନିଜ ଶରୀରକୁ ଶ୍ମଶାନ ଧୂଳିରେ ରଙ୍ଗାଇଛନ୍ତି। ପରିତ୍ୟକ୍ତ ରଙ୍ଗ ତ୍ରିପୁଣ୍ଡରେ ପରିଣତ ହୋଇଛି। ଭଗବାନ ବିଷ୍ଣୁ ପ୍ରଜାଙ୍କ ଅନନ୍ତ କାମନା ସଂରକ୍ଷଣର ଭାବନାକୁ ଧରି ଅନନ୍ତର ନୀଳରଙ୍ଗ ନିଜ ରୂପ ଅନୁକୂଳ କରିଛନ୍ତି। ରଙ୍ଗ ନାମ ହୋଇଛି ପୁଣି ପରିଚୟ ବି ପାଲଟିଯାଇଛି। ସଂସାରରେ ଅନେକ ଭାଷାରେ ଏପରି ଶବ୍ଦ ରହିଛି ଯାହା ରଙ୍ଗ ଆଧାରିତ। ରଙ୍ଗର ମିଳନ ହିଁ ରଙ୍ଗୋତ୍ସବ ହୋଲି। ଇଛା - ଅନିଚ୍ଛାରେ ହେଉ କି ଜାଣତ - ଅଜାଣତରେ ପ୍ରତ୍ୟେକେ ରଙ୍ଗରେ ଭିଜିଯାନ୍ତି। ଶରୀର ଏମିତି ରଙ୍ଗୀନ ହୋଇଯାଏ ଯେ, ବୟସ, ବର୍ଗ, ଜାତି, ଧର୍ମ ସବୁ ପରିଚୟ ଉଭେଇ ଯାଏ। କେବଳ ରଙ୍ଗର ରାଜୁତି ଚାଲେ। ବିଷାଦ ଜଳି ଭସ୍ମୀଭୂତ ହୋଇଯାଏ। ବସନ୍ତ ପ୍ରେମର ରାସ ଆଣେ। କେବଳ ଏକଇ ରଙ୍ଗ ଦୃଷ୍ଟିକୁ ଆସେ ହାସ୍ୟଉଲ୍ଲାସର, ଦର୍ପଣ-ତର୍ପଣରେ।

ରଙ୍ଗର ପର୍ବ ହୋଲି। ଫଗୁଣର ରଙ୍ଗ ନେଇ ଆସିଥାଏ ଏହି ହୋଲି। ପୁରପଲ୍ଲୀ, ସହର ବଜାର ସବୁ ହୋଲିର ରଙ୍ଗରେ ରଙ୍ଗୀନ ହୋଇଯାଏ। ଆବାଳବୃଦ୍ଧବନିତାଙ୍କ ସାରାଶରୀର ରଙ୍ଗରେ ଜୁଡୁବୁଡୁ ହୋଇଯାଏ। ସଙ୍ଗୀତ, କବିତାର ଆସର ସାଙ୍ଗକୁ ପିଠାପଣା ଓ ସୁସ୍ୱାଦୁ ଖାଦ୍ୟ ପର୍ବର ଆନନ୍ଦକୁ ଦ୍ୱିଗୁଣ କରିଦିଏ। ଏହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଚାଚେରୀ ବେଶ କରାଯାଇଥାଏ। ହୋଲି ପର୍ବକୁ ଆଣି ଆସେ ଦୋଳଯାତ୍ରା। ଦୋଳ ଯାତ୍ରା ନାମରେ ମଧ୍ୟ ଏହି ଯାତ୍ରା ପ୍ରସିଦ୍ଧ। ଦୋଳ ଯାତ୍ରାର ଶେଷ ଦିନ ପାଳିତ ହୋଇଥାଏ ହୋଲି। ହୋଲିକା ରାକ୍ଷସୀର ନିଧନ ସ୍ମୃତିରେ ହୋଲି ପାଳିତ ହୋଇଥାଏ ବୋଲି ପୁରାଣ କହେ। ଦୋଳ ଯାତ୍ରାରେ ଠାକୁରେ ବି ଫଗୁ ଖେଳିଥାନ୍ତି। ଗ୍ରାମ



ଗ୍ରାମରେ ଠାକୁରଙ୍କୁ ବିମାନରେ ବସାଇ ପରିକ୍ରମା କରାଯାଏ। ନୂଆକରି ଫଳିଥିବା ଆମ୍ବ ପେନ୍ଥା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀରେ ବିମାନ ସଜ୍ଜିତ ହୋଇଥାଏ। ହୋଲିରେ ଅବିର ଖେଳିବା ପରମ୍ପରା ବହୁ ପ୍ରାଚୀନ। ଦୋଳ ବିମାନ, ଦୋଳ ବେଦୀରେ ଏହି ଅବିର ଛାପ ପଡ଼ିଥାଏ। ଏହା ମଧ୍ୟ ଶରୀର ପାଇଁ ଭଲ। ଏହାର ସ୍ପର୍ଶରେ ଚର୍ମ ରୋଗ ହୁଏ ନାହିଁ। ଏବେ କିନ୍ତୁ ଅବିରରେ ଅନ୍ୟ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ତେଣୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଏଥିପାଇଁ ସତର୍କ ରହିବା ଦରକାର। ତେବେ ଗୋଟିଏ କଥା କହିହେବ, ହୋଲିର ମୂଳମନ୍ତ୍ର ସଦ୍‌ଭାବ। ଏହା ସଂହତି ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥାଏ।

ଗୋପପୁରରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳା କରୁଥିଲେ। ଏହି ରାସଲୀଳାରେ ଦେବୀ ରାଧାଙ୍କ ସମେତ ସମସ୍ତ ଗୋପାଙ୍ଗନାମାନେ ଭାଗ ନେଉଥିଲେ। ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଥିଲା କଳା। ଦେବୀ ରାଧା ଥିଲେ ଗୌରବର୍ଣ୍ଣ। ଥରେ ନିଜ ରଙ୍ଗକୁ ନେଇ ଭଗବାନ କୃଷ୍ଣ ମାତା ଯଶୋଦାଙ୍କ ନିକଟରେ ଅଝଟ କଲେ। ମାତାଙ୍କୁ କହିଲେ ରାଧା, ଗୌରବର୍ଣ୍ଣା। କିନ୍ତୁ ମୋ ବର୍ଣ୍ଣକଳା କାହିଁକି? ପୁତ୍ରର ଅଝଟ ଶୁଣି ମାତା ଯୋଶାଦା କହିଲେ, ତୁମେ ରଙ୍ଗ ନେଇ ରାଧାଙ୍କ ମୁହଁରେ ବୋଳିଦିଅ। ତାଙ୍କ ରଙ୍ଗ ସହ ତୁମର ରଙ୍ଗ ମଧ୍ୟ ସମାନ ହୋଇଯିବ। ମାତାଙ୍କ ଏହି ପରାମର୍ଶ ଭଗବାନ ଶ୍ରୀକୃଷ୍ଣଙ୍କ ମନକୁ ପାଇଲା। ସେ ନିଜ ହାତରେ ପ୍ରାକୃତିକ କଳା ରଙ୍ଗ ପ୍ରସ୍ତୁତ କଲେ। ଏବଂ ସେହି ରଙ୍ଗ ନେଇ ଦେବୀ ରାଧାଙ୍କ ମୁହଁରେ ବୋଳି ଦେଲେ। ଏହାପରେ ଦେବୀ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି କଳା ହୋଇଗଲେ। ଏହି ଘଟଣା ପର ଠାରୁ ଗୋପପୁରରେ ହୋଲି ଖେଳିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି।

*'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯,*
*ସିଡିଏ, କଟକ*







# ହୋଲିରେ ଚର୍ମର ସୁରକ୍ଷା



ଡାକ୍ତର ବିନୋଦିନୀ ବେହେରା

ବସନ୍ତ ଋତୁରେ ଆନନ୍ଦର ମୁହୂର୍ତ୍ତ ହେଉଛି ରଙ୍ଗବେରଙ୍ଗକୁ ନେଇ ହୋଲି ଖେଳ। ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଦୋଳଯାତ୍ରାର ଶେଷ ସମୟକୁ ହୋଲି ପଡ଼ିଥାଏ। ସମଗ୍ର ଭାରତ ବର୍ଷ ହୋଲି ପାଇଁ ଭିନ୍ନ ଭିନ୍ନ ରଙ୍ଗ ହେଉ ବା ଅବିର ଏହି ଦିନଟି ରଙ୍ଗାୟିତ ହୋଇପଡ଼େ ସମୁଦାୟ ସମାଜ। ଆନନ୍ଦ ଓ ବିଶ୍ୱାସର ପବିତ୍ର ହୋଲି ଖେଳରେ କିନ୍ତୁ ସାମାନ୍ୟ ଅସତର୍କତା କିଛି ଲୋକଙ୍କ ପାଇଁ ପରବର୍ତ୍ତୀ ସମୟରେ ଦୁଃଖର କାରଣ ପାଲଟିଥାଏ। ପୁରୁଣାକାଳିଆ ପରି ଆଜି ସମୟରେ ତ ଆଉ ହାତ ତିଆରି ରଙ୍ଗ ପ୍ରସ୍ତୁତି ହେଉନାହିଁ। ବଜାରରେ ବିକ୍ରି ହେଉଥିବା ଏବଂ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିବା ବିଭିନ୍ନ ପ୍ରକାର ରଙ୍ଗ ବିକ୍ରି ହୋଇଥାଏ। ଲାଲ ହେଉ ବା ହଳଦିଆ, ବ୍ଲୁ ହେଉ ବା ସବୁଜ। ଭିନ୍ନ ଭିନ୍ନ ରଙ୍ଗ ନିଶ୍ଚିନ୍ତ ଭାବରେ ଲୋକମାନଙ୍କୁ ଆକର୍ଷିତ କରିବାର ସକ୍ଷମ ହୋଇଥାଏ। ତେବେ ଆମ୍ଭେମାନେ ଯଦି ସ୍ୱାସ୍ଥ୍ୟଗତ ଦିଗକୁ ଅସତର୍କ ହେବା ତାହାଲେ ଏହା ନିଶ୍ଚିନ୍ତ ଭାବରେ ଦୁଃଖର କାରଣ ପାଲଟିବ। ସର୍ବପ୍ରଥମେ ଆପଣମାନେ କିଣୁଥିବା ରଙ୍ଗକୁ ଗୁରୁତ୍ୱ ଦିଅନ୍ତୁ। ରାସାୟନିକ ଓ ବିଭିନ୍ନ ଦ୍ରବ୍ୟର ସମ୍ମିଶ୍ରଣରେ ହେଉଥିବା ରଙ୍ଗକୁ ବ୍ୟବହାର ନକରିବା ଭଲ। ସେପରି ତ ଦେଖିଲେ ଅବିର ହେଉଛି ବରଂ ଏକପ୍ରକାର ନିରାପଦ ରଙ୍ଗ। ହୋଲି ଖେଳ ଦିନ ଆପଣମାନେ ଯତ୍ନବାନ ହୁଅନ୍ତୁ ଯେ, ବ୍ୟବହାର ହେଉଥିବା ରଙ୍ଗରେ କେଉଁ କେଉଁ ପ୍ରକାରର ରାସାୟନିକ ପଦାର୍ଥ ରହିଛି। ବର୍ତ୍ତମାନ ବଜାରରେ ଅଳ୍ପ ମୂଲ୍ୟରେ ବେଶ୍ ଦୃଷ୍ଟି ଆକର୍ଷଣ କରୁଥିବା ରଙ୍ଗର ବିକ୍ରି ବଢ଼ିଯାଇଛି। ତେବେ ରଙ୍ଗକୁ ଖେଳିବା ପୂର୍ବରୁ କିଛି ସ୍ୱାସ୍ଥ୍ୟଗତ ଦିଗକୁ ଚିନ୍ତା କରିଥିଲେ ଏହା ଆଉ ଆପଣଙ୍କ ଦୁଃଖ ବା ସମସ୍ୟାର କାରଣ ପାଲଟିବନି।

ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ରଙ୍ଗକୁ ବ୍ୟବହାର କରିବା ଅପେକ୍ଷା ଇସତ୍ ବିଷାକ୍ତ ପଦାର୍ଥ ନ ମିଶିଥିବା ରଙ୍ଗ ବରଂ କିଣନ୍ତୁ। ମଣିଷର ଚର୍ମ ହେଉଛି ସବୁଠାରୁ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ। ଶରୀରରେ ରାସାୟନିକ ଯୁକ୍ତ ରଙ୍ଗ ଚର୍ମ ସଂସ୍ପର୍ଶରେ ଆସିଲେ ଆପଣଙ୍କୁ ତତ୍‌କ୍ଷଣାତ ହୁଏତ ପାର୍ଶ୍ୱପ୍ରତିକ୍ରିୟା ଦେଖାଇ ନପାରିଥାଏ କିନ୍ତୁ ପରେ ଏହା ଆପଣ ମାନଙ୍କ ପାଇଁ ଯନ୍ତ୍ରଣା ଓ ଚିନ୍ତାର କାରଣ ପାଲଟିଯିବ। ରଙ୍ଗ ଖେଳ ସମୟରେ ଆପଣଙ୍କ ରଙ୍ଗ ଯେପରି ଜଣଙ୍କର ଆଖି, ନାକ ଓ କାନ ଭିତରକୁ ନଯିବ ସେ ଦିଗକୁ ଦୃଷ୍ଟିରେ ରଖନ୍ତୁ। ବେଳେ ବେଳେ ଦେଖାଯାଏ ସାଙ୍ଗସାଥି ମାହୋଲରେ କେହି କେହି ଅନ୍ୟଜଣଙ୍କର ପାଟିରେ ରଙ୍ଗ ପୁରାଇ ଦିଅନ୍ତି କିନ୍ତୁ ଏହା ଆଦୌ ଠିକ୍ ନୁହେଁ। ପାଟି ଭିତରର ଚର୍ମ ହେଉ ବା ଯଦି ଆପଣଙ୍କ ଜିଭର ଲାଳରେ ତଣ୍ଟିକୁ ସାମାନ୍ୟ ମାତ୍ରାରେ ଚାଲିଯିବ ତାହାଲେ ଆପଣଙ୍କ ତଣ୍ଟି ଭିତରର ଖାଦ୍ୟନଳୀ ଏହି ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସି ଆପଣଙ୍କୁ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଅସୁବିଧାରେ ପକାଇବ। ରଙ୍ଗ ଖେଳରେ ଗାଡ଼ିରୁ ବାହାରୁଥିବା ମୋବିଲ ବା ଉତ୍କଟ ରଙ୍ଗ ବୁଝାଯାଉଥିବା ବାର୍ଣ୍ଣିସ୍‌କୁ ଆଦୌ ମିଶାନ୍ତୁ ନାହିଁ। କେହି କେହି ମଜା ଉଠାଇବା ପାଇଁ ରଙ୍ଗରେ ବଜାରରେ ମିଳୁଥିବା ଏକ ପ୍ରକାର ଏସିଡ଼ଯୁକ୍ତ ତରଳ ପଦାର୍ଥକୁ ମିଶାଇ ରଙ୍ଗ ଖେଳିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆପଣଙ୍କ ଚର୍ମ ପାଇଁ ଘାତକ ହୋଇପାରେ ସେ କଥା ଭୁଲନ୍ତୁ ନାହିଁ। ମୁଣ୍ଡରେ ଏହି ରାସାୟନିକ ରଙ୍ଗର ପ୍ରଭାବ କିଛି ଲୋକଙ୍କର ମୁଣ୍ଡ ଚୁଟିର ମୂଳକୁ ସଂକ୍ରମିତ କରି ଯେତେ ପାଣି ସଫା କରୁଥିଲେ ବି ରଙ୍ଗ କିନ୍ତୁ ପରିଷ୍କାର ହେବା ପାଇଁ ବହୁତ ସମୟ ନେଇଥାଏ। ହୋଲି ଖେଳରେ ଆପଣଙ୍କ ଦେହରେ ରଙ୍ଗ ଲାଗିଥିଲେ, ରଙ୍ଗ ଲାଗିଥିବା ଚର୍ମ ସ୍ଥାନକୁ ଜୋର ଦେଇ ଘଷି ବା ରଗଡ଼ନ୍ତୁ ନାହିଁ। ହୋଲି ଖେଳ ପରେ ଅଧିକାଂଶ ବିଶେଷକରି ଯୁବପିଢ଼ୀମାନେ ନଦୀ, ପୋଖରୀ ବା ଆବଦ୍ଧ ହୋଇଥିବା ଜଳରାଶିରେ ମନଭରି ଗାଧୋଇବା ପାଇଁ ଗୁରୁତ୍ୱ ଦିଅନ୍ତି। କିନ୍ତୁ ଆପଣମାନେ ଗୋଟିଏ କଥା ମନେରଖିବା ଉଚିତ ଯଥା ସମ୍ଭବ ପ୍ରାକୃତିକ ଓ ସ୍ୱଚ୍ଛ ଜଳରେ ଆପଣ ଯେପରି ସ୍ନାନ କରନ୍ତି। ଦୂଷିତ ଜଳ ଆପଣଙ୍କ ଚର୍ମ ପାଇଁ ଆଉ ଏକ ଯନ୍ତ୍ରଣାକୁ ଏକ ପ୍ରକାର ନିମନ୍ତ୍ରଣ କରିଥାଏ କହିଲେ ଚଳେ। ହଁ, ଆଉ ଗୋଟିଏ ବଡ଼କଥା ହେଉଛି ଛୋଟ ପିଲାଙ୍କୁ ଯଥାସମ୍ଭବ ଏହି ରଙ୍ଗ ଠାରୁ ଦୂରେଇ ରଖନ୍ତୁ। କାରଣ ଏହି କୁନି କୁନି ପିଲାଙ୍କ କୋମଳ ଚର୍ମ ରଙ୍ଗର ସଂସ୍ପର୍ଶରେ ଆସି ପିଲାଟି ପାଇଁ ଯନ୍ତ୍ରଣାର କାରଣ ପାଲଟିଥାଏ। କୌଣସି ଚର୍ମ ରୋଗ ପୂର୍ବରୁ ଥିଲେ ଆପଣଙ୍କ ଚର୍ମରୋଗ ବିଶେଷଜ୍ଞଙ୍କ ପରାମର୍ଶ ବିନା ହୋଲିର କୌଣସି ରଙ୍ଗ ସଂସ୍ପର୍ଶରେ ନ ଆସନ୍ତୁ। କୁଣ୍ଡିଆ, ଯାଦୁ ବା ଅନ୍ୟ କୌଣସି ଚର୍ମରୋଗ ଥିଲେ ଏହି ଲୋକମାନେ ଯଥାସମ୍ଭବ ରଙ୍ଗ ଠାରୁ ଦୂରରେ ରହିବା ଖୁବ୍ ଭଲ। କେହି କେହି ଦେହରୁ ରଙ୍ଗକୁ ସଫା କରିବା ପାଇଁ ସେଲୁନ୍‌ରେ ବାରିକଙ୍କ ସାହାଯ୍ୟ ନେଇ ଦେହର ଗୋଡ଼ ବା ହାତ ବା ଛାତି ପାଖରେ ଥିବା ଛୋଟ ଛୋଟ କେଶକୁ ଏକ ପ୍ରକାର ଖୁର ମାରନ୍ତି ଯାହାକି ରଙ୍ଗରେ ସଂସ୍ପର୍ଶରେ ଆସିଥାଏ। ତେବେ କେବଳ ଚର୍ମରୋଗୀ ନୁହଁନ୍ତି କୌଣସି ଅସୁସ୍ଥ ବା ଦୀର୍ଘ ଚିକିତ୍ସା ହେଉଥିବା ଲୋକଙ୍କୁ ଏହି ହୋଲି ଖେଳରୁ ଦୂରେଇ ରଖନ୍ତୁ। କେହି କେହି କୁହନ୍ତି ଯେ, ରଙ୍ଗ ଖେଳକୁ ଯିବା ପୂର୍ବରୁ ଦେହରେ ତେଲ ଲଗାଇ ଯାଇଥିଲେ ଏହା ବିଷାକ୍ତ ରାସାୟନିକ ସଂକ୍ରମଣ ଠାରୁ ରକ୍ଷା କରିଥାଏ। କିନ୍ତୁ ଆଜିର ସମୟରେ ବଜାରରେ ଯେଉଁପରି ଭାବରେ ବିଷାକ୍ତ ପଦାର୍ଥ ମିଶିଥିବା କିଛି କିଛି ନିର୍ଦ୍ଦିଷ୍ଟ ରଙ୍ଗ ଥାଏ ତାହା ଆପଣଙ୍କ ଦେହର ଚର୍ମ ପାଇଁ ବିପଜ୍ଜନକ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା କିଛି କିଛି ଲୋକଙ୍କର ସଂକ୍ରମଣ ହୋଇ ଛୋଟ ଘିମିରି ବା କୁଣ୍ଡିଆ ଟାଇପର ଦେହରେ ବ୍ୟାପି ଯାଇଥାଏ। ହୋଲି ଆମ ସମସ୍ତଙ୍କ ପାଇଁ ନିଶ୍ଚିନ୍ତ ଭାବରେ ଏକ ଆନନ୍ଦ ମହୋତ୍ସବର ଅବକାଶ କିନ୍ତୁ ଆପଣମାନେ ସତର୍କତାର ସହିତ ରଙ୍ଗ ଖେଳିଲେ ଏହା ଆପଣଙ୍କ ପାଇଁ ସମସ୍ୟା ବା ଦୁଃଖ ପାଲଟିବ ନାହିଁ। ଆପଣଙ୍କ ଦେହର କୌଣସି ଚର୍ମ ବିଷାକ୍ତ ରଙ୍ଗର ସଂସ୍ପର୍ଶରେ ଆସି ଯଦି ଆପଣଙ୍କ ପାଇଁ କିଛି ଯନ୍ତ୍ରଣା ଦେଇଥାଏ ତେବେ ଆପଣ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଚର୍ମ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେବା ଜରୁରୀ। ରଙ୍ଗ ଖେଳରେ ଆପଣଙ୍କ ସବୁଠାରୁ ମୂଲ୍ୟବାନ ଚର୍ମକୁ ସୁରକ୍ଷିତ ରଖିଲେ ଆପଣମାନେ ହୋଲିକୁ ବେଶ୍ ଖୁସିର ସହ ପାଳିପାରିବେ।

*ପ୍ରଫେସର, ଚର୍ମ ଓ ଯୌନ ରୋଗ ବିଭାଗ,*
*ପିଏମଆରଆଇ ମେଡ଼ିକାଲ କଲେଜ ଓ*
*ହସ୍ପିଟାଲ, ବାରିପଦା*

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ମାର୍ଚ୍ଚ, ୨୦୨୩






## ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ

# ୧୦ ଟଙ୍କାରୁ ଅଧିକ ହେବନି ସଂଗ୍ରହାଳୟର ପ୍ରବେଶ ଦେୟ



**ଭୁବନେଶ୍ୱର :** ଓଡିଶା କଳାର ଭୂମି। ଆମର କଳା, ସଂସ୍କୃତି ସାରା ବିଶ୍ୱରେ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମର ଏହି ମହାନ ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ଦିଗରେ ସଂଗ୍ରହାଳୟ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜନସାଧାରଣ, ବିଶେଷ କରି ଯୁବ ସମାଜ, ଛାତ୍ର ସମାଜ ତଥା ପର୍ଯ୍ୟଟକ ମାନେ ଯେପରି ଆମ କଳା ଓ ସଂସ୍କୃତି ସହିତ ଭଲ ଭାବରେ ପରିଚିତ ହୋଇପାରିବେ, ସେ ଦୃଷ୍ଟିରୁ ରାଜ୍ୟର କୌଣସି ସଂଗ୍ରହାଳୟର ପ୍ରବେଶ ଦେୟ ୧୦ ଟଙ୍କାରୁ ଅଧିକ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀ, କାରିଗର ଓ ବୁଣାକାର ମାନଙ୍କ ପାଇଁ ସଂଗ୍ରହାଳୟରେ ପ୍ରବେଶ ନିମନ୍ତେ କୌଣସି ଦେୟ ଆଦାୟ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆମ ରାଜ୍ୟରେ ଥିବା ସଂଗ୍ରହାଳୟ ଗୁଡିକ ଯେପରି ଅଧିକ ଲୋକପ୍ରିୟ ହେବ ଏବଂ ପର୍ଯ୍ୟଟକ ମାନେ ସେଗୁଡିକ ପରିଦର୍ଶନର ସୁଯୋଗ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ ସହିତ କଳାଭୂମି, ଆଦିବାସୀ ସଂସ୍କୃତି ଓ ଗବେଷଣା ସଂଗ୍ରହାଳୟ, କଟକରେ ସାମୁଦ୍ରିକ ସଂଗ୍ରହାଳୟ ତଥା ବିଭିନ୍ନ ଜିଲ୍ଲାରେ ଅନେକ ସଂଗ୍ରହାଳୟ ରହିଛି। ଏଗୁଡିକୁ ଲୋକପ୍ରିୟ କରିବା ପାଇଁ ଏବଂ ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସହାୟକ ହେବ ବୋଲି ଆଶା କରାଯାଉଛି।

# ୧୪୭ ନିର୍ବାଚନ ମଣ୍ଡଳୀରେ ଖୋଲିବ 'ଆମ ହସ୍ପିଟାଲ'

**ଭୁବନେଶ୍ୱର :** ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣୁଛନ୍ତି ରାଜ୍ୟ ସରକାର। ରାଜ୍ୟବାସୀଙ୍କୁ କିପରି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳିବ ସେନେଇ ରାଜ୍ୟ ସରକାର ବିଭିନ୍ନ ପ୍ରକାର ବ୍ୟବସ୍ଥା ଲାଗୁକରୁଛନ୍ତି। ସରକାରୀ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟ ସେବା ମିଳୁଥିବା ବେଳେ ଏବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବଡ଼ ବଡ଼ ବେସରକାରୀ ହସ୍ପିଟାଲରେ ମଧ୍ୟ ମାଗଣାରେ ସ୍ୱାସ୍ଥ୍ୟ ସେବା ମିଳୁଛି। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା ଅଧିନରେ ରାଜ୍ୟର ବଡ଼ ମେଡିକାଲ କଲେଜରୁ ବରିଷ୍ଠ ଡାକ୍ତରମାନେ ମଧ୍ୟ ରାଜ୍ୟର ଦୁର୍ଗମ ଜିଲ୍ଲାମାନଙ୍କୁ ଯାଇ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ଆଗକୁ ମଧ୍ୟ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରାଯିବ। ୨୦୨୩-୨୪ ଆର୍ଥିକ ବର୍ଷ ୧୪୭ ନିର୍ବାଚନ ମଣ୍ଡଳୀରେ ଖୋଲିବ ଆମ ହସ୍ପିଟାଲ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ସଦର ଚିକିତ୍ସାଳୟଗୁଡ଼ିକୁ ଏଥିଲାଗି ବଛାଯାଇଛି। ୯ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଆମ ହସ୍ପିଟାଲ। ୭୫୦ କୋଟି ଟଙ୍କା ବ୍ୟୟରେ ଉନ୍ନତିକରଣ ହେବାକୁ ଥିବା ଆମ ହସ୍ପିଟାଲରେ ରୋଗୀଙ୍କୁ ସବୁ ମୌଳିକ ସ୍ୱାସ୍ଥ୍ୟ ସେବା ମିଳିବ। ଏନେଇ ୨୦୨୩-୨୪ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ୧୬ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଯାହା ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ବହୁ ଆଗକୁ ନେବ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଚଳିତ ୨୦୨୩-୨୪ ରାଜ୍ୟ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମିଳିଥିବା ଅର୍ଥ ବ୍ୟୟ ବରାଦ ସମ୍ବନ୍ଧରେ ସୂଚନା ଦେଇ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି ଚଳିତ ବଜେଟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗକୁ ରେକର୍ଡ ପରିମାଣର ଅର୍ଥ ଦେଇଛନ୍ତି। ଏହା ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଆହୁରି ସହାୟକ ହେବ। ୨୦୨୩-୨୪ରେ ୫ ହଜାର ଏମବିବିଏସ୍ ଡାକ୍ତର ଓ ୯ ହଜାର ଷ୍ଟାଫ ନର୍ସଙ୍କୁ ନିଯୁକ୍ତି ଦେବେ ରାଜ୍ୟ ସରକାର। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ରାଜ୍ୟର ସବୁ ପିଏଚସି ଓସିଏଚସିରେ ଏମବିବିଏସ୍ ଡାକ୍ତର ଥିବେ। ପୂର୍ବରୁ ଗତ ୫ ବର୍ଷରେ ୪ ହଜାର ଡାକ୍ତରଙ୍କୁ ଓ ଗତ ୩ ବର୍ଷରେ ୯ ହଜାରରୁ ଅଧିକ ଷ୍ଟାଫ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଏଥି ସହିତ ବିଭିନ୍ନ ସମୟରେ ଅଭିଯୋଗ ହୁଏ କି ସରକାରୀ ହସ୍ପିଟାଲରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀ ନିଯୁକ୍ତ ଥିଲେ ମଧ୍ୟ ସେ ହସ୍ପିଟାଲ ଆସୁନାହାନ୍ତି। ଯାହାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ନେବା ସହ ସବୁ ହସ୍ପିଟାଲରେ ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରୁ ପାଇଲଟ ପ୍ରକଳ୍ପ ଆଧାରରେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜରେ ଏହା କାର୍ଯ୍ୟକାରୀ କରାଯିବ। ପରବର୍ତ୍ତୀ ସମୟରେ ପିଏଚସି ଓ ସିଏଚସିରେ ମଧ୍ୟ ଲାଗୁ ହେବ ବାୟୋମେଟ୍ରିକ୍ ବ୍ୟବସ୍ଥା। ଯାହା ଦ୍ୱାରା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ କେତେ ବେଳେ ହସ୍ପିଟାଲ ଆସୁଛନ୍ତି ଓ କେତେବେଳ ଯାଉଛନ୍ତି ତାହା ଜଣାପଡିବ। ଅନ୍ୟପଟେ ଏଣିକି ଆଉ ୩୦ ମିନିଟ୍ ନୁହେଁ, ୨୦ ମିନିଟ ଭିତରେ ରୋଗୀଙ୍କ ପାଖରେ ପହଞ୍ଚିବ ୧୦୮ ଆମ୍ବୁଲାନ୍ସ। ଏଥିପାଇଁ ୨୦୨୩-୨୪ରେ ୨୩୬ଟି ନୂଆ ଆମ୍ବୁଲାନ୍ସ ୧୦୮ରେ ଯୋଡ଼ିହେବ। ଏଥିପାଇଁ ବଜେଟରେ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ।

## ସାଇବର ଥାନାର ମାସିକ ରିପୋର୍ଟ

# ଜାନୁଆରୀରେ ୩୩୫ଟି ଅଭିଯୋଗ ଗ୍ରହଣ

**ଭୁବନେଶ୍ୱର :** ଆସିଲା ସାଇବର ଥାନାର ମାସିକ ରିପୋର୍ଟ। ଭୁବନେଶ୍ୱର ସାଇବର୍ କ୍ରାଇମ ହେଲ୍ପ ଡେସ୍କରେ ଗତ ଜାନୁୟାରୀ ମାସରେ ସର୍ବମୋଟ ୩୩୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୦ଟି ୟୁପିଆଇ ଫ୍ରଡ୍ ଜନିତ ଅଭିଯୋଗ, ୧୦୮ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ ଫ୍ରଡ ଜନିତ ଅଭିଯୋଗ ଆସିଛି। ୫୦ଟି ସୋସିଆଲ ମିଡିଆ ଜନିତ ଅଭିଯୋଗ ଗ୍ରହଣ କରିଥିବା ବେଳେ ଅନ୍ୟାନ୍ୟ ମୋଟ ୨୭ଟି ଠକେଇ ଅଭିଯୋଗ ସାଇବର କ୍ରାଇମ ହେଲ୍ପ ଡେସ୍କ ଗ୍ରହଣ କରିଥିଲେ। ଗତ ମାସ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାରେ ବିଭିନ୍ନ ଅଭିଯୋଗ ମାଧ୍ୟମରେ ମୋଟ ୧ କୋଟି ୪୪ ଲକ୍ଷ ୪ ହଜାର ୬୩୧ଟଙ୍କାର ଠକେଇ ଜନିତ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ମୋଟ ୫ଟି ମାମଲା ଭୁବନେଶ୍ୱରର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକୃତ କରାଯାଇଥିଲା। ଗତ ଜାନୁୟାରୀ ମାସରେ ଠକେଇର ଶୀକାର ହୋଇଥିବା ଅଭିଯୋଗକାରୀ ମାନଙ୍କୁ ମୋଟ ୧୦ ଲକ୍ଷ ୧୩ ହଜାର ୧୭୭ଟଙ୍କା ଫେରସ୍ତ କରାଯାଇପାରିଥିବା ବେଳେ ମୋଟ ୨୨ ଲକ୍ଷ ୪୯ ହଜାର ୬୫୬ ଟଙ୍କାକୁ ବ୍ଲକ କରାଯାଇ ପାରିଛି।

# ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର :** ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯାନଚାଳନା ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଉଭୟ ସ୍ୱଚ୍ଛତା ଓ ଦକ୍ଷତାକୁ ଦୃଷ୍ଟିରେ ରଖି ସଚାରୁରୂପେ ଲାଇସେନ୍ସ ପ୍ରଦାନ ପରୀକ୍ଷା ନିମେନ୍ତେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗରେ ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷା ପଦ୍ଧତି ଲାଗୁ କରାଯିବ। ଏହି ପଦ୍ଧତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ ଯେ ଓଡ଼ିଶା ରାଜ୍ୟ ସରକାର ସଡ଼କ ସୁରକ୍ଷା ପ୍ରତି ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ୫-'ଟି' ଉପକ୍ରମରେ ଏହି ବ୍ୟବସ୍ଥା ପ୍ରଚଳନ ଦ୍ୱାରା ଉତ୍ତମ ଏବଂ ଶୃଙ୍ଖଳିତ ଯାନଚାଳକମାନେ ଲାଇସେନ୍ସ ପାଇବା ସହ ସଡ଼କ ଦୁର୍ଘଟଣା ହ୍ରାସ ପାଇବ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ ଯେ ଓଡ଼ିଶାର ୮୫ ପ୍ରତିଶତ ବ୍ୟକ୍ତି ସଡ଼କ ପରିବହନ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କର ନିରାପତ୍ତା ଦାୟିତ୍ୱ ଡ୍ରାଇଭର ଉପରେ ନ୍ୟସ୍ତ। ରାଜ୍ୟରେ ଏହି ସ୍ୱୟଂ ଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଆମେ ଦକ୍ଷ ଯାନଚାଳକ ପାଇପାରିବା। ଏହି ବ୍ୟବସ୍ଥାର ସୁଫଳ ନିଶ୍ଚୟ ସଡ଼କ ସୁରକ୍ଷା କ୍ଷେତ୍ରରେ ପ୍ରତିଫଳିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ପ୍ରଦାନ କରି ସଡ଼କ ସୁରକ୍ଷା ଓ ଦକ୍ଷ ଯାନଚାଳନା ପାଇଁ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ସଂପ୍ରତି ଯାନଚାଳନା ପାଇଁ ଲାଇସେନ୍ସ ପାଇବାକୁ ହେଲେ ଅବେଦନକାରୀଙ୍କୁ ମୋଟର ଯାନ ଇନ୍ସପେକଟରଙ୍କ ଉପସ୍ଥିତିରେ ପରୀକ୍ଷା ଦେବାକୁ ପଡୁଛି। ରାଜ୍ୟରେ ଏହି ସ୍ୱୟଂଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଯାନଚାଳନା ପରୀକ୍ଷା ସମୟରେ ଟ୍ରାକ୍ରେ ପ୍ରବେଶଠାରୁ ଆରମ୍ଭ କରି ଏହାର ସମସ୍ତ ପର୍ଯ୍ୟାୟ ଡିଜିଟାଲ ପଦ୍ଧତି ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଟ୍ରାକ୍ରେ ଫିଟ୍ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଯାନଚାଳକଙ୍କ ଦକ୍ଷତାକୁ ବିଚାର କରିବ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଂପୂର୍ଣ୍ଣ ଉପଯୋଗ କରାଯାଇ ଏହି ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ବ୍ୟବସ୍ଥାରେ କୌଣସି ମାନବୀୟ ହସ୍ତକ୍ଷେପ ହେବାର ସୁଯୋଗ ନାହିଁ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାରିପଦା, ଭଦ୍ରକ, ବଲାଙ୍ଗିର, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ଫୁଲବାଣୀ, ରାଇରଙ୍ଗପୁର, ରାଉରକେଲା, ସୁନ୍ଦରଗଡ଼, ତାଳଚେର, କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ଭଞ୍ଜନଗର, ନବରଙ୍ଗପୁର ଏବଂ ସୋନପୁର ଆଦି ରାଜ୍ୟର ୧୯ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି ଡ୍ରାଇଭିଂ ପରୀକ୍ଷଣ ଟ୍ରାକ୍ ସ୍ଥାପନ କରାଯିବ। ପର୍ଯ୍ୟାୟ କ୍ରମେ ଅନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଯାନଚାଳନା ପ୍ରମାଣପତ୍ର ନିମନ୍ତେ ଆବେଦନକାରୀମାନେ ସରକାରୀ ଛୁଟିଦିନମାନଙ୍କରେ ଏହି ସ୍ୱୟଂ-ଚାଳନା ଯାନ ପରୀକ୍ଷଣ କେନ୍ଦ୍ରମାନଙ୍କରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦେୟ ପ୍ରଦାନ କରି ଯାନ ଚାଳନାର ଅଭ୍ୟାସ କରିବା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରକଳ୍ପକୁ ୧୦ ମାସ ମଧ୍ୟରେ ସଂପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ନିମନ୍ତେ ବୁଝାମଣା ପତ୍ରରେ ଉଲ୍ଲେଖରେ କରାଯାଇଛି।





## PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

**Contact : 8658607286**


# ସୁପ୍ରିମକୋର୍ଟରେ କୋଟିଆ ସୀମା ବିବାଦ: ତଥ୍ୟ ଉପସ୍ଥାପନ ପାଇଁ କେନ୍ଦ୍ର, ଆନ୍ଧ୍ରକୁ ନିର୍ଦ୍ଦେଶ

କୋରାପୁଟ : କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ବିବାଦୀୟ କୋଟିଆକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୮ ଦିନ ମଧ୍ୟରେ ଉଭୟ କେନ୍ଦ୍ର ଓ ଆନ୍ଧ୍ର ସରକାର ଏନେଇ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁସାରେ, ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ଆନ୍ଧ୍ରପ୍ରଦେଶ ଓ ଗୃହ ମନ୍ତ୍ରାଳୟର ସଚିବ ମାଧ୍ୟମରେ କେନ୍ଦ୍ର ସରକାର ଅରିଜିନାଲ ସୁଟ୍ ନମ୍ବର-୨/୨୦୨୩ରେ ତଥ୍ୟ ଉପସ୍ଥାପନ କରିବେ। ଏ ନେଇ ଫେବୃଆରି ମାସ ୨୮ ତାରିଖରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଚିଠି କରାଯାଇଥିବା ବେଳେ ରେଜିଷ୍ଟ୍ରାର ଓ ଅତିରିକ୍ତ ରେଜିଷ୍ଟ୍ରାରଙ୍କ ଦସ୍ତଖତ ରହିଛି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ସରକାର ସିଭିଲ୍ ସୁଟ୍ ଡାଏରୀ ନମ୍ବର-୨୧୭୫/୪-୧-୨୦୨୨ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଆଧାର କରି ଓଡ଼ିଶା ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ର ପ୍ରଥମେ କିଛି ତଥ୍ୟ ଦଖଲ କରିଥିଲେ। ଏହାପରେ ସୁପ୍ରିମକୋର୍ଟଙ୍କ ନିକଟରେ ୪୫୭ ପୃଷ୍ଠା ସମ୍ବଳିତ ତଥ୍ୟ ଉପସ୍ଥାପନ କରିଥିଲେ। ଯାହାକୁ ନେଇ ସୁପ୍ରିମକୋର୍ଟ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

## DECLARATION

FORM 1
FORM OF DECLARATION
*(see rule 3)*

I, **Lingaraj Dash** declare that I am the *printer or * publisher or #printer and publisher of the newspaper entitled "**EKAMAATRA**" to be printed at **Bhubaneswar** published at **Bhubaneswar** or to be * printed and published at **Bhubaneswar** and that particulars in respect of the said newspaper given hereunder are true to the best of my knowledge and belief.

1. Title of the newspaper : EKAMAATRA
2. Language(s) in which it is (to be), published : ODIA
3. Periodicity of its publication
   (a) Whether a daily, tri-weekly, bi-weekly, weekly fortnightly, or otherwise : WEEKLY
   (b) In the case of a daily, please state whether it: Morning or evening newspaper? : No
   (c) In the case of a newspaper other than a daily, please state the days(s)/ date (s) on which it is (to be) published : MONDAY
4. Retail selling price of the newspaper per copy : Rs.5/-
   (a) If the newspaper is for free distribution, please state that it is "for free distribution". : Yes
   (b) If it has only an annual subscription and no retail price, please state the annual subscription : No
5. Publisher's name : Lingaraj Dash
   - Nationality : Indian
   (a) Whether a citizen of India? : Yes
   (b) If a foreigner, please state the country of origin : No
   - Address : C/o. Arttatrana Dash, Plot No.4233, Sulochana Bhawan, Behind Badagada High School, Badagada, Bhubaneswaar-751018, Dist-Khordha, Odisha, Email-lingaraj@gmail.com

Place of Publication (Please give the complete postal address) : Plot No-4233, Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com

7. Printer's Name : Lingaraj Dash
   Nationality : Indian
   (a) Whether a citizen of India? : Yes
   (b) If a foreigner, please state the country of origin : No
   Address : Plot No-4233, Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com
8. Name(s) of the printing press (es) where the The newspaper is actually printed and the true and precise description of the premises on which the press(es) is / are installed : Radhakrushna Publication Pvt. Ltd, Plot No- H/18, Mancheswar Ind. Estate, Bhubaneswar- 10
9. Editor's Name : Tarak Mohanty
   Nationality : Indian
   (a) Whether a citizen of India? : Yes
   (b) If a foreigner, please sate the country of origin : No
   Address : Sector-2/288, 289, Niladri Vihar Chandrasekharpur, Bhubaneswar 751021, Khordha, Odisha
10. Owner's Name : Lingaraj Dash
   (a) Please state the particulars of individuals (s) or of the firm, Joint Stock Company, trust, individuals co-operative society or association which owns the newspaper : Individuals
   (b) Please state whether the owner owns any other newspaper, and, if so, its name, periodicity, language and place of publication : No
11. Please state whether the declaration is in respect of
   (a) a new newspaper, or : No
   (b) an existing newspaper, : Yes
   (c) in case the declaration falls under item (b), the reason for filing the fresh declaration : Change of ownership, Publisher, Printer & Place of Publication

Date:

Signature: Lingaraj Dash.
Name (in Block letters): LINGARAJ DASH
Designation: PUBLISHER & PRINTER

Addl. District Magistrate Bhubaneswar

Authenticated on this day 4th of month October year 2021 under my seal and signature.

(Signature and seal of the Magistrate authenticating the declaration)
Collector & District Magistrate
Khordha


## PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
*Contact : 865807286 / 8917571455*



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
*Contact : 8658607286 / 8917571455*


# ଏକାମ୍ର କ୍ଷେତ୍ରରେ ୧୪ ମନ୍ଦିରର ଉନ୍ନତି ଲାଗି ୪ କୋଟି : ଅପରାଜିତା



**ଭୁବନେଶ୍ୱର :** ମନ୍ଦିର ମାଳିନୀ ଭୁବନେଶ୍ୱର ତଥା ଏକାମ୍ର କ୍ଷେତ୍ରରେ ବିଭିନ୍ନ ମନ୍ଦିରର ପୁନବିକାଶ କରାଯିବ। ଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର କ୍ଷେତ୍ରରେ ୧୪ ମନ୍ଦିରର ଉନ୍ନତି ଲାଗି ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ କହିଛନ୍ତି। ଶ୍ରୀମତୀ ଷଡଙ୍ଗୀ ଶୁକ୍ରବାର ଏଏସଆଇର ଅଧିକାରୀ ମାନଙ୍କ ସହ ଭୁବନେଶ୍ୱରର ୧୪ଟି ମନ୍ଦିର ପରିଦର୍ଶନ କରି ଏହା କହିଛନ୍ତି। ସେ ଏହି ସମୟରେ ଏହି ମନ୍ଦିର ମାନଙ୍କର ପୂଜକ ଓ ସାଧାରଣ ଲୋକ ମାନଙ୍କ ସହ ଆଲୋଚନା କରିଛନ୍ତି। ଏହା ପରେ ସେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ଲିଙ୍ଗରାଜ ମନ୍ଦିର ରୋଷ ଘର ଓ ଆଉ ୨ଟି ମନ୍ଦିରର ପୁନରୁଦ୍ଧାର ହେବ।ରୋଷ ଘର ଓ ୨ ମନ୍ଦିର ପୁନରୁଦ୍ଧାର ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଶିଶୁପାଳଗଡ଼ ଓ ବ୍ରହ୍ମେଶ୍ୱର ମନ୍ଦିର ମରାମତି ପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଭାସ୍କରେଶ୍ୱର ପାଇଁ ୩୦ ଲକ୍ଷ, ରାଜାରାଣୀ ମନ୍ଦିର ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ସେହିପରି ଖଣ୍ଡଗିରି, ଉଦୟଗିରି ଗୁମ୍ଫା ନବୀକରଣ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ହେବାକୁ ଥିବା ବେଳେ ଶୁକଶାରୀ, ସହସ୍ରଲିଙ୍ଗ, ରାମେଶ୍ୱର ମନ୍ଦିର ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବୈତାଳ ମନ୍ଦିର ଓ ପର୍ଶୁରାମ ମନ୍ଦିର ପାଇଁ ୩୦ ଲକ୍ଷ ଲେଖାଏଁ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। ଖୁବ ଶୀଘ୍ର ଏହି କାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି